ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୧୧, ଭୁବନେଶ୍ୱର, ଫେବୃଆରୀ ୨ - ଫେବୃଆରୀ ୮, ୨୦୨୬, Vol: 3, Issue: 11, Bhubaneswar, February 2 - February 8, 2026 Pages- 8

ପୃଷ୍ଠା ୪ ସମ୍ପାଦକୀୟ : Jocky Small : ମାର୍କା ଓ ମାପ

ପୃଷ୍ଠା ୮ ଇତିହାସ ରଚିଲେ ନିର୍ମଳା ସୀତାରମଣ

# ମନ୍ଦିର ପରେ ମଣ୍ଡଳ

**ବିମଳ ଅଗ୍ରୱାଲ**

ଶିକ୍ଷା ଓ ଶିକ୍ଷାୟତନ ସମ୍ବନ୍ଧରେ ଆମ ଦେଶରେ ଚର୍ଚ୍ଚା ଅତ୍ୟନ୍ତ ସୀମିତ ରହୁଥିବା ବେଳେ ଏବେ ୟୁଜିସି - ୨୦୨୬ ନୁଆ ନିୟମକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଚର୍ଚ୍ଚାର ଆଧାର ଯେତିକି ସାମାଜିକ ତତୋଧିକ ରାଜନୈତିକ। ତେବେ ପ୍ରସଙ୍ଗର ଏକ ସାମଗ୍ରିକ ପରିଭାଷା ପ୍ରସ୍ତୁତ କରିବା ଏହି ଆଲେଖ୍ୟର ଏକମାତ୍ର ଉଦ୍ଦେଶ୍ୟ। ପ୍ରଥମେ ବୁଝିବା ଏହି ନୁଆ ଆଇନଟି କ'ଣ ? ଦେଶରେ ଉଚ୍ଚଶିକ୍ଷାର ନିୟନ୍ତ୍ରଣ କରୁଥିବା ମଧ୍ୟ ଲୋଡିଥିଲେ ଏବଂ ୨୦୨୩ ମସିହାରେ ଏ ସମ୍ପର୍କରେ ଏକ ଚିଠା ଖସଡା ପ୍ରସ୍ତୁତ ହୋଇଥିଲା। ସରକାର ଏହାକୁ ଗ୍ରହଣ କରିବା ପରେ ୟୁଜିସି ୨୦୨୬ ଜାନୁଆରୀ ୧୩ ତାରିଖରୁ ଏହାକୁ ଲାଗୁ କରିବା ନିମନ୍ତେ ବିଜ୍ଞପ୍ତି ଜାରି କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କ୍ୟାମ୍ପସରେ ଏହି ପ୍ରକାର ଭେଦଭାବ ରୋକିବାପାଇଁ ୨୦୧୨ ରେ ମଧ୍ୟ ଏକ ଆଇନ ପ୍ରଣୟନ ହୋଇଥିଲା। କିନ୍ତୁ ପୂର୍ବୋକ୍ତ ଆତ୍ମହତ୍ୟା ପ୍ରସଙ୍ଗରେ ୟୁଜିସି ଦ୍ୱାରା ଉଚ୍ଚତମ ନ୍ୟାୟାଳୟଙ୍କୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୨୦୧୨ର ଆଇନ ଏହାର ଉଦ୍ଦେଶ୍ୟ ପୂରଣ କରିବାରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମଧ୍ୟ ଏହି ଭେଦଭାବ ବିରୋଧରେ ଆଇନଗତ ପ୍ରାବଧାନ ରହିଛି। ୟୁଜିସି ଆଇନ -୨୦୨୬ର ପ୍ରାବଧାନ ଅନୁଯାୟୀ ସମସ୍ତ ଶିକ୍ଷାନୁଷ୍ଠାନ ଏକ ଇକ୍ୱିଟି କମିଟି ଗଠନ କରିବେ। ଯଦି ଅନୁଷ୍ଠାନର କୌଣସି ସଦସ୍ୟ ଭେଦଭାବ ବା ଆକ୍ରୋଶ, ଆକ୍ରମଣର କୌଣସି ଅଭିଯୋଗ ଆଣନ୍ତି ତେବେ ଏହି କମିଟି ୨୪ ଘଣ୍ଟା ମଧ୍ୟରେ ତାହାର ସଜ୍ଞାନ ନେଇ ପନ୍ଦର ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ ଏବଂ ରିପୋର୍ଟ ପ୍ରଦାନର ଏକ ସପ୍ତାହ ମଧ୍ୟରେ ସମ୍ପୃକ୍ତ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ସମ୍ପର୍କରେ ଅବହେଳା ପାଇଁ ଅନୁଷ୍ଠାନର ମୁଖ୍ୟ ସମ୍ପୂର୍ଣ୍ଣ ଦାୟୀ ରହିବେ ଏବଂ ବିଫଳ ହେଲେ ଅନୁଷ୍ଠାନର ଅନୁଦାନ ବନ୍ଦ କିମ୍ବା ସହବନ୍ଧନ ରଦ୍ଦ ମଧ୍ୟ ହୋଇପାରିବ। ସେହିଭଳି ଅଭିଯୁକ୍ତଙ୍କୁ ଅନୁଷ୍ଠାନରୁ ରଷ୍ଟିକେଟ୍ ଭଳି ପଦକ୍ଷେପ ମଧ୍ୟ ନିଆଯାଇପାରିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି କି ଉଚ୍ଚତର ଶିକ୍ଷାନୁଷ୍ଠାନମାନଙ୍କରେ ବୈଷମ୍ୟ ରୋକିବାର ମହତ ଉଦ୍ଦେଶ୍ୟ ନେଇ ଆସିଥିବା ଏହି ଆଇନକୁ ନେଇ ଏତେ ବିରୋଧ କାହିଁକି ? ଏଠାର ଉଲ୍ଲେଖଯୋଗ୍ୟ ଯେ ୨୦୧୨ ଆଇନ କେବଳ ଏସ୍.ଟି ଓ ଏସ୍.ସି ବର୍ଗଙ୍କ

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*




ସର୍ବୋଚ୍ଚ ସଂସ୍ଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ଯେଉଁ ନୁଆ ନିୟମଟି ଆଣିଛନ୍ତି ତାର ନା ହେଲା Promotion of Equity In Higher Education Institutions Regulations - 2026। ଦେଶର ଉଚ୍ଚତର ଶିକ୍ଷାନୁଷ୍ଠାନମାନଙ୍କରେ ଜାତିଗତ ଭେଦଭାବର ଶିକାରରୁ ଏସ୍.ସି, ଏସ୍.ଟି ଏବଂ ଓବିସି ବର୍ଗଙ୍କୁ ସୁରକ୍ଷା ଦେବା ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଏହିଭଳି ଏକ ଆଇନର ଉତ୍ସ କ'ଣ ? ୨୦୧୮ ମସିହାରେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦଳିତ ଛାତ୍ର ରୋହିତ ବେମୁଲା ଏବଂ ଅନ୍ୟ ଜଣେ ଛାତ୍ରୀ ଏହି ଭେଦଭାବରେ ଜର୍ଜରିତ ହୋଇ ଆତ୍ମହତ୍ୟା କରିବା ପୃଷ୍ଠଭୂମିରେ ତାଙ୍କ ଦୁଇଜଣଙ୍କ ମାଆ ଉଚ୍ଚତମ ନ୍ୟାୟାଳୟରେ ଏ ସମ୍ପର୍କରେ କରିଥିବା ଜନସ୍ୱାର୍ଥ ମାମଲାର ବିଚାର କରି ମାନ୍ୟବର ଅଦାଲତ ସରକାରଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେନ୍ଦ୍ର ସରକାର ଏଥିପାଇଁ ଏକ ସଂସଦୀୟ କମିଟି ଗଠନ କରି ଆବଶ୍ୟକୀୟ ଆଇନ ପାଇଁ ପରାମର୍ଶ ଲୋଡିଥିଲେ। ସଂସଦୀୟ ସମିତି ଏଦିଗରେ ବହୁ ଆଲୋଚନା ସହ ଏ ସମ୍ପର୍କରେ ଜନସାଧାରଙ୍କ ମତାମତ ବିଫଳ ହୋଇଥିବାରୁ ଜାତିଗତ ଆକ୍ରୋଶର ସଂଖ୍ୟାରେ ବୃଦ୍ଧି ଘଟିଛି। ୨୦୧୯-୨୦ରେ ଏହିଭଳି ପାଖାପାଖି ୨୦୦ ମାମଲା ଆସିଥିବାବେଳେ ୨୦୨୩-୨୪ ବେଳକୁ ଏହି ସଂଖ୍ୟା ୪୦୦ ଟପିଥିଲା। ପ୍ରତିଶତ ଦୃଷ୍ଟିରୁ ଏହି ସଂଖ୍ୟା ଚମକପ୍ରଦ ହେଲେ ବି ଭାରତର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ପଢୁଥିବା କୋଟି କୋଟି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ଅତ୍ୟନ୍ତ ନଗଣ୍ୟ। ଅବଶ୍ୟ ଦେଶର କୌଣସି ଜଣେ ବି ନାଗରିକ ଭେଦଭାବର ଶିକାର କିପରି ନହେବ ତାହା ଦେଖିବା ଆଇନର ଦାୟିତ୍ୱ। ତେବେ ଭେଦଭାବ କେବଳ ଜାତିଗତ ନୁହେଁ ଧର୍ମ, ଭାଷା, ଅଞ୍ଚଳକୁ ନେଇ ବି ଅନେକ ସମୟରେ ସମାଜର ସମସ୍ତ କ୍ଷେତ୍ର ଭଳି ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କ ମଧ୍ୟରେ ଭେଦଭାବ କରାଯାଇଥାଏ। ତେବେ ଭାରତର ସମ୍ବିଧାନ ଦେଶର ସମସ୍ତଙ୍କ ପାଇଁ ସମାନ ଆଇନ ଓ ସମାନ ଆଇନଗତ ସୁରକ୍ଷା ମୌଳିକ ଅଧିକାରର ଧାରା ୧୩ ଓ ୧୪ରେ ସୁରକ୍ଷିତ କରିଛି। ସେହିପରି ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ପ୍ରତ୍ୟେକ ନାଗରିକ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ସୁରକ୍ଷା (Assuring the dignity of individual) ପାଇଁ ରାଷ୍ଟ୍ରକୁ ନିର୍ଦ୍ଦେଶ ଦେଇଛି।

**ଏକାଦଶାହ ଉପଲକ୍ଷେ**
**ଭକ୍ତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**




ଧରାବତରଣ
୨୫-୦୪-୧୯୫୧

ସ୍ୱର୍ଗାରୋହଣ
୨୩-୦୧-୨୦୨୬

(ବୃନ୍ଦାବନପୁର, ରଣପୁର, ନୟାଗଡ଼)

~~~~~~~~~~~~~~~~~~~~~~~~~~~~~~~~~~

ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଆମକୁ ସର୍ବଦା ପ୍ରେରଣା ଦେଉଥିବ। ତୁମର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିଗଲା। ଆଜିର ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

~~~~~~~~~~~~~~~~~~~~~~~~~~~~~~~~~~

**ଶୋକସନ୍ତପ୍ତ** : ନିରଞ୍ଜନ, ରୁନୁ, ଅଶୋକ, ମାମୁନି, ନମିତା, ତ୍ରିଲୋଚନ, ରୀତା, ବିଭୂତି, ସୋନି, ସିବୁନ୍, ତ୍ରିଶା ରାନୀ, ଦିପୁନ୍, ସିଦ୍ଧୁ, ହନି, ରୋନି, ଅଜୁ, ସୋନୁ, ସିଲୁ, କାହ୍ନା, ରାନା, ବନ୍ଧୁ ଓ ପରିବାରବର୍ଗ।

# 'କାରାଭାନ' ସେବାର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

**କୋଣାର୍କ (ଭିଓଭି) :** ବସ୍‌ରେ ପର୍ଯ୍ୟଟକଙ୍କୁ ତାରକା ହୋଟେଲ ଭଳି ଅନୁଭୂତି ଦେବା ସହ ବିଳାସପୂର୍ଣ୍ଣ ଓ ସୁରକ୍ଷିତ ପର୍ଯ୍ୟଟନର ନୂଆ ଆଶା ନେଇ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଶୁଭ ଉଦଘାଟନ ହୋଇଛି ପ୍ରଥମ କାରାଭାନ ସେବା। ରବିବାର ପୂର୍ବାହ୍ନରେ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଏହାକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିକାଶ ଇକୋ ରିସର୍ଟ ପକ୍ଷରୁ ପର୍ଯ୍ୟଟନ ବିଭାଗ ସହଭାଗିତାରେ ଏହି ସେବାର ରୂପରେଖ ଦିଆଯାଇଛି। ୪ ସିଟ ଓ ୯ ସିଟ ବିଶିଷ୍ଟ ଦୁଇଟି ବସ୍‌ରେ ବିଳାସପୂର୍ଣ୍ଣ ଆତିଥେୟ ବ୍ୟବସ୍ଥା କରାଯାଇଛି। ଶୀତ ତାପ ନିୟନ୍ତ୍ରିତ ଏହି ବସ ମଧ୍ୟରେ ବିଳାସପୂର୍ଣ୍ଣ ଭାବେ ବସିବା ବ୍ୟବସ୍ଥା, ଶୋଇବା ବ୍ୟବସ୍ଥା, ଟିଭି ଶୌଚାଳୟ ସହ ଖାଦ୍ୟ ବ୍ୟବସ୍ଥା ରହିଛି। ଦିନିକିଆ ହିସାବରେ ପର୍ଯ୍ୟଟକ ମାନେ ବୁକ୍ କରି ସାରା ଓଡ଼ିଶାର କୋଣ ଅନୁକୋଣରେ ଥିବା ପର୍ଯ୍ୟଟନ ସ୍ଥଳି ବୁଲି ପାରିବେ। ପ୍ରଥମ ଦିନରେ ୧୩ ଜଣ ପର୍ଯ୍ୟଟକ ୨ଟି କାରାଭାନ ବସ୍ ବୁକିଙ୍ଗ କରି ପରିବାର ସହ କୋଣାର୍କରୁ ସାତକୋଶିଆ ଓ ଦେବ୍ରିଗଡ ଯାତ୍ରା କରିଛନ୍ତି। କାରାଭାନ ପର୍ଯ୍ୟଟନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ। ଏହା ନୂଆ ସମ୍ଭାବନାର ପର୍ଯ୍ୟଟନ ଆଣିଦେବ। ପର୍ଯ୍ୟଟକମାନଙ୍କ ପାଇଁ ବସ୍ ଭିତରେ



ତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା। ଏହି ଉଦଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବିକାଶ ଗ୍ରୁପର ମୁଖ୍ୟ ନିର୍ଦ୍ଦେଶକ ଭି ଶ୍ରୀନିବାସ, ବିଦ୍ୟା ବିକାଶ ଗ୍ରୁପ ଅଧକ୍ଷ ଜି ଭାସ୍କର ରାଓ, ବିକାଶ ରିସର୍ଟ ନିର୍ଦ୍ଦେଶକ ଗୌତମ ଅଗ୍ରୱାଲ, ଏମ ଲିଳା ଆନନ୍ଦ, ପୁରୀ ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳଯୋଗାଣ ଠିକାଦାରମାନଙ୍କ ଧାରଣା

**କେନ୍ଦ୍ରାପଡ଼ା (ଭିଓଭି) :** କେନ୍ଦ୍ରାପଡା ଇଛାପୁର ନିକଟରେ ଥିବା ଗ୍ରାମୀଣ ପାନୀୟ ଜଳ ଯୋଗାଣ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି ତୁଳସୀକ୍ଷେତ୍ର ପାନୀୟ ଜଳ ଯୋଗାଣ ଓ ପରିମଳ ଠିକାଦାର ସଂଘ। ଜିଲ୍ଲାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଠିକାଦାରୀ କରୁଥିବା ୨୨ ଜଣ ଠିକାଦାର ସେମାନଙ୍କ ବକେୟା ବିଲ ଦେଢ ବର୍ଷ ହେବ ନପାଇବାରୁ ବିଭାଗୀୟ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ଧାରଉଦ୍ଧାର କରି କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଶେଷ କରି ଘରେ ଘରେ ଶୁଦ୍ଧ ପାନୀୟ ଜଳ ପହଁଚାଇବା ପରେ ଏହି ଠିକାସଂସ୍ଥା ମାନଙ୍କ ବିଲ ସରକାର ଦେଉନାହାନ୍ତି ବୋଲି ଠିକାଦାରମାନେ ଅଭିଯୋଗ କରିଛନ୍ତି। ଦେଢ ବର୍ଷ ହେଲା ଠିକାସଂସ୍ଥା ଗୁଡିକୁ ଟଙ୍କାଟିଏ ମଧ ଦିଆଯାଇ ନାହିଁ। ଓଡିଶାରେ ପାନୀୟ ଜଳ ଯୋଗାଣ ପାଇଁ ୮୦୦




ଠିକାସଂସ୍ଥା କାମ କରିଛନ୍ତି। ଏନେଇ ଠିକାଦାର ମାନେ ବିଭାଗର ଉଚ୍ଚ ପଦସ୍ଥ ଅଫିସରଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ହେଲେ ଯେଉଁ କୋଟି କୋଟି ଟଙ୍କା ବିଭାଗକୁ ଆସୁଛି ଅଧିକାରୀମାନେ ସେହି ଟଙ୍କାକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନେଇଥିବା ବାହାର ରାଜ୍ୟର ଠିକାସଂସ୍ଥାକୁ ପ୍ରଦାନ କରି ଦେଉଛନ୍ତି। ଗ୍ରାମାଞ୍ଚଳରେ ଠିକାଦାରି କରିଥିବା ଠିକାସଂସ୍ଥା ଗୁଡିକ ଟଙ୍କା ନପାଇବାରୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାହାର ରାଜ୍ୟର ଠିକାସଂସ୍ଥା ମାନେ ପ୍ରାୟ ୪୦ ହଜାର କୋଟି ଟଙ୍କାର କାମ ଓଡିଶାରେ ନେଇଛନ୍ତି। କିନ୍ତୁ ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣ କାମ ନେଇଥିବା ଏହି ଠିକାଦାର ମାନଙ୍କ ବକେୟା ଅର୍ଥ ପ୍ରାୟ ୧ ହଜାର କୋଟି ଟଙ୍କା ହେବ। ଏହା ସହ କାମ ହୋଇଥିବା ପ୍ରକଳ୍ପର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଏହି ଠିକାଦାର ମାନଙ୍କ ଉପରେ ଏଗ୍ରିମେଣ୍ଟ କରାଯାଇଛି। ପ୍ରକଳ୍ପର ମୋଟର ସଜଡା ହେବା ଓ ମୋଟର ଚାଳକ ମାନଙ୍କୁ ମାସିକ ଦରମା ଦେବା ଦାୟିତ୍ୱ ଏହି ଠିକାଦାର ମାନଙ୍କ ଉପରେ ରହିଛି। ଏଥିପାଇଁ ବିଭାଗ ପ୍ରକଳ୍ପ ମୂଲ୍ୟର ଶତକଡା ୫ ଅଂଶ କାଟି ରଖିଛନ୍ତି। ତେବେ ଦେଢ ବର୍ଷ ହେବ କାମ ସରିଥିଲେ ମଧ ଟଙ୍କାଟିଏ ନପାଇ ନିଜ ହାତରୁ ପ୍ରକଳ୍ପ ରକ୍ଷଣାବେକ୍ଷଣ ଦାୟିତ୍ୱ ମୁଣ୍ଡେଇଥିବା ଏହି ଠିକାଦାର ମାନେ ଏବେ ବାପ ରାଣ ଡିଙ୍ଗି ଗିଳ ଅବସ୍ଥାରେ ପଡିଛନ୍ତି। ବଡ ବଡ ଠିକାଦର ମାନଙ୍କୁ ଟଙ୍କା ନିୟମିତ ଦିଆ ଯାଉଥିବା ବେଳେ ଗ୍ରାମାଂଚଳର ଏହି ଛୋଟ ଠିକାଦାର ମାନଙ୍କୁ ବିଭାଗୀୟ ଅଧିକାରୀ ମାନେ ଶୋଷଣ କରୁଥିବାରୁ ବାଧ ହୋଇ ଇଛାପୁରୁ ଆର ଡବ୍ଲ୍ୟୁ ଏସ ଏସ ଅଫିସ ସମ୍ମୁଖରେ ଗଣ ଧାରଣା ଦେଇଛନ୍ତି। ଏବଂ ବକେୟା ବିଲ୍ ପଇଠ ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ଧାରଣାରେ ମନୋରଂଜନ ପଣ୍ଡା, ବିକାଶ ପରିଡା, ସୁଶାନ୍ତ ବେହେରା, ଅଞ୍ଜନ ପଣ୍ଡା, ପବିତ୍ର ରଂଜନ ସାହୁ, ସ୍ମୃତି ରଂଜନ ବଳ, ସୁବ୍ରତ ସାହୁ, ଲଳିତ ଲେଙ୍କା, ଅସିମ ଜଗତି, ଜୟ ପ୍ରକାଶ ସେଠୀ, ଲକ୍ଷ୍ମୀଧର ସ୍ୱାଇଁ, ଅର୍ପଣ ବେହେରା ଓ ପ୍ରଶାନ୍ତ ବାରିକ ପ୍ରମୁଖ ଠିକାଦାର ମାନେ ଧାରଣାରେ ବସିଛନ୍ତି।

## ମନ୍ଦିର ପରେ ମଣ୍ଡଳ (୧ମ ପୃଷ୍ଠାର ଅବଶିଷ୍ଟାଂଶ...)

ପାଇଁ ଉଦ୍ଦିଷ୍ଟ ଥିବାବେଳେ ବର୍ତ୍ତମାନ ଆଇନରେ ଏମାନଙ୍କ ସହିତ ଓବିସି ବର୍ଗଙ୍କୁ ମଧ ଯୋଡି ଦିଆଯାଇଛି। ବିରୋଧୀଙ୍କ କହିବା କଥା ଏହି ଆଇନରୁ କେବଳ ସାଧାରଣ ବର୍ଗର ବ୍ୟକ୍ତିଙ୍କୁ ବାଦ ଦିଆଯାଇ ପରୋକ୍ଷରେ ସେମାନଙ୍କୁ ହିଁ ଉତ୍ପୀଡନକାରୀ ବୋଲି ମାନି ନିଆଯାଇଛି ଏବଂ ଏହା ସେମାନଙ୍କୁ ସମାନତାର ଅଧିକାରରୁ ବଞ୍ଚିତ କରୁଛି। ଯଦିଓ ଅନେକ ଶିକ୍ଷାନୁଷ୍ଠାନମାନଙ୍କରେ ବ୍ରାହ୍ମଣ, କ୍ଷତ୍ରିୟ ଏବଂ ବୈଶ୍ୟ ଆଦି ସାଧାରଣ ବର୍ଗର ବ୍ୟକ୍ତିମାନେ ମଧ ଜାତିଗତ ବିଦ୍ୱେଷର ଶିକାର ହେବାର ପ୍ରମାଣ ରହିଛି। ଅନ୍ୟ ଭେଦଭାବ ବିରୋଧୀ ଆଇନ ଯଥା SC, ST Atrocities Act, Dowry Prevention Act ଭଳି ଦୁରୁପଯୋଗ ହେବାର ବହୁ ଉଦାହରଣ ରହିଛି। ତେଣୁ ସାଧାରଣ ବର୍ଗର ବ୍ୟକ୍ତିଙ୍କ ବିରୋଧରେ ଏହି ଆଇନ ଉଦ୍ଦେଶ୍ୟମୂଳକ ଭାବେ ଲାଗୁ କରାଯାଇପାରେ। ସେହିଭଳି ଏଥିପାଇଁ ପ୍ରସ୍ତାବିତ କମିଟିରେ ଏସ୍.ଟି, ଏସ୍.ସି, ଓ ପଛୁଆବର୍ଗଙ୍କ ପ୍ରତିନିଧିତ୍ୱ ନିଶ୍ଚିତ କରାଯାଇଥିବା ବେଳେ ସାଧାରଣ ବର୍ଗପାଇଁ ପ୍ରତିନିଧିତ୍ୱ ସମ୍ପର୍କରେ କୌଣସି ନିଶ୍ଚିତତା ନାହିଁ। ପୁନଶ୍ଚ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ଅଭିଯୋଗ କରାଯାଇଥିଲେ ଅଭିଯୋଗକାରୀଙ୍କ ବିରୋଧରେ ଦଣ୍ଡ ବିଧାନର କୌଣସି ପ୍ରାବଧାନ ନାହିଁ। ସାଧାରଣ ବର୍ଗଙ୍କ ଆଶଙ୍କା ମଧ ଅମୂଳକ ନୁହେଁ। ଦେଶର ଉଚ୍ଚ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ବର୍ତ୍ତମାନ ଏସ୍.ସି, ଏସ୍.ଟି ଓ ଓବିସି'ମାନଙ୍କର ସଂଖ୍ୟା ପ୍ରାୟ ଦୁଇ-ତୃତୀୟାଂଶ ଏବଂ ଏହା କ୍ରମାଗତ ଭାବରେ ବଢୁଛି। ସେହିପରି ଦେଶରେ ଜାତିଭେଦ ପ୍ରଥା ରହିଥିଲେ ମଧ ଏହା କ୍ରମଶଃ ହ୍ରାସ ପାଉଛି। କ୍ୟାମ୍ପସ ମାନଙ୍କରେ ଜାତିଗତ ଭେଦଭାବ କିମ୍ବା ଉତ୍ପୀଡନ ଅତ୍ୟନ୍ତ ନଗଣ୍ୟ ଏବଂ ଏହାକୁ ଧାରା ବଦଳରେ ବ୍ୟତିକ୍ରମ ବୋଲି ବିବେଚନା କରାଯାଇପାରେ। ସେହିପରି ଆନ୍ତଃଜାତୀୟ ବିବାହର ଚଳଣି ଏବଂ ଏହାର ଗ୍ରହଣୀୟତା କ୍ରମଶଃ ବଢିଚାଲିଛି ଏବଂ ଏହା ମଧ ଜାତିଗତ ଭେଦଭାବ ହ୍ରାସ ପାଉଥିବାର ଲକ୍ଷଣ। ଏହି ପରିପ୍ରେକ୍ଷୀରେ ନୂଆ ୟୁଜିସି ଆଇନ ଦେଶରେ ଜାତିପ୍ରଥାର ପୁନର୍ବଳନ କରି ସମାଜକୁ ପଛକୁ ନେଇଯିବାର ଉଦ୍ୟମ ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ଦିଆଯାଇ ସେମାନଙ୍କୁ ନିଜ ପୂର୍ବପୁରୁଷଙ୍କ ଭୁଲପାଇଁ ଯଥେଷ୍ଟ ଦଣ୍ଡ ଦିଆଯାଇ ସାରିଥିବାବେଳେ ନୂଆ ଆଇନ ତାଙ୍କ ପାଇଁ ଏକ ପ୍ରକାରର Reverse Discrimination ବୋଲି ଆଇନକୁ ବିରୋଧ କରୁଥିବା ଲୋକେ ଯୁକ୍ତି ବାଢୁଛନ୍ତି। କିନ୍ତୁ ଏହାକୁ ସମର୍ଥନ କରୁଥିବା ଗୋଷ୍ଠୀ ଭାରତୀୟ ସମାଜରେ ଜାତିଆଣ ଭେଦଭାବ ଏବେବି ତୀବ୍ର ଏବଂ ଏହା ବିରୋଧରେ ନୂଆ ୟୁଜିସି ଆଇନ ସେମାନଙ୍କ ପାଇଁ ଆବଶ୍ୟକ ବୋଲି ଯୁକ୍ତି କରୁଛନ୍ତି। ଏସବୁ ମଧ୍ୟରେ ମାନନୀୟ ଉଚ୍ଚତମ ନ୍ୟାୟାଳୟ ଏହି ଆଇନକୁ ସାମୟିକ ଭାବେ ସ୍ଥଗିତ କରି ସରକାରଙ୍କଠାରୁ ଉତ୍ତର ତଲବ କରିଛନ୍ତି।

ବର୍ତ୍ତମାନ ଆଇନର ରାଜନୈତିକ ଦିଗଟି ପ୍ରତି ଦୃଷ୍ଟିପାତ କରିବା। ଉତ୍ତର ଭାରତରେ ପଛୁଆବର୍ଗଙ୍କ ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖି କ୍ଷମତା ଦଖଲ କରିପାରିଥିବା ଭାଜପା ମନ୍ଦିର ପ୍ରସଙ୍ଗ ସମାପ୍ତ ହେବାପରେ ବର୍ତ୍ତମାନ ମଣ୍ଡଳ ପ୍ରସଙ୍ଗକୁ ସାମନାକୁ ଆଣି ଆଗାମୀ ନିର୍ବାଚନ ଜିତିବାର ରଣକୌଶଳ ପ୍ରସ୍ତୁତ କରିଛି। ପୁନଶ୍ଚ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଓବିସି ବର୍ଗର କହୁଥିବାରୁ ନିଜର ଅନୁଗତ ଓ ନିଜକୁ ଓବିସି ନେତାଭାବେ ପରିଚିତ କରିବାର ମାନସିକତା ରଖୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଧ୍ୟମରେ ଏହି ବର୍ଗଙ୍କୁ ଖୁସିକରି ନେତୃତ୍ୱ ପାଇଁ ଭାଜପା ଓ ସଂଘ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ନିଜ ସପକ୍ଷରେ ସାଧିବାପାଇଁ ଚେଷ୍ଟା କରିଛନ୍ତି। ତେବେ ଏହା ବିରୋଧରେ ମଣ୍ଡଳ ପରେ କଂଗ୍ରେସ ଦଳଠାରୁ ଦୁରେଇଯାଇ ଭାଜପା ପଛରେ ଦୃଢଭାବେ ଠିଆହୋଇଥିବା ପାରମ୍ପରିକ ଉଚ୍ଚବର୍ଗର ସମର୍ଥକଙ୍କ ମଧ୍ୟରେ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି ତାହାର ରାଜନୈତିକ ପ୍ରଭାବ ନିଶ୍ଚୟ ସୁଦୂରପ୍ରସାରୀ ହେବ। ସର୍ବଶେଷରେ ଏତିକି କୁହାଯାଇପାରେ ଯେ ସମାଜର ଚିନ୍ତାଧାରାରେ ସଂସ୍କାର ନଆସିବା ପର୍ଯ୍ୟନ୍ତ କେବଳ ଆଇନଗତ ଦଣ୍ଡ ବିଧାନର ପ୍ରାବଧାନ ଦେଶକୁ ଏକ ପୁଲିସ ଷ୍ଟେଟରେ ପରିଣତ କରିବ ସିନା ଏହା କୁସଂସ୍କାର ଦୂର କରିପାରିବ ନାହିଁ। ନିର୍ଭୟା ଘଟଣା ପରେ କଠୋରତମ ଦଣ୍ଡ ବିଧାନର ପ୍ରାବଧାନ କରାଯାଇଥିଲେ ମଧ ଦୁଷ୍କର୍ମ ବଢି ବଢି ଚାଲିଥିବା ଘଟଣା ଏହାର ପ୍ରମାଣ। ପୁନଶ୍ଚ ଏକ ବିକଶିତ ଦେଶ ଗଢିବାକୁ ହେଲେ ଦେଶର ସମସ୍ତ ବର୍ଗଙ୍କର ବିକାଶ ପ୍ରତି ସମ ଭାବରେ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଧର୍ମ, ଜାତି, ଲିଙ୍ଗ, ଭାଷା ଓ ଆଞ୍ଚଳିକତା ଭିତ୍ତିରେ ଜନତାକୁ ଭାଗ ଭାଗ କରାଯାଇ କୌଣସି ବିକାଶ ସମ୍ଭବ ନୁହେଁ। ଉଭୟ ସମର୍ଥକ ଓ ବିରୋଧୀ ଗୋଷ୍ଠୀର ରାଜନୈତିକ ନେତାମାନେ ଏଦିଗରେ ପରସ୍ପର ମଧ୍ୟରେ ସମ୍ବାଦ ମାଧ୍ୟମରେ ଆଇନର ଆବଶ୍ୟକ ସଂଶୋଧନ ଆଣି ସାମାଜିକ ସୌହାର୍ଦ୍ଦ୍ୟ ଫେରେଇ ଆଣିବାକୁ ଚେଷ୍ଟା କରିବା ହିଁ ହେଉଛି ବର୍ତ୍ତମାନ ସମୟର ଆହ୍ୱାନ। (ମତାମତ ଲେଖକଙ୍କ ନିଜସ୍ୱ)

*ଶୂନ୍ୟଭାଷ : ୯୪୩୭୭୭୪୫୯୨*

# ଗେଡୁ ଗୁଣିଆ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

## ଅନୁଭୂତି ଗଳ୍ପ

ମନ୍ତ୍ରଯନ୍ତ୍ର, ଝଡାଫୁଙ୍କା ଓ ଗୁଣିଗାରେଡି ଆଦିର ପ୍ରଚଳନ ଆମ ସମାଜରେ ଆଦିମ କାଳରୁ ଚଳି ଆସୁଛି । ସାଧାରଣତଃ ଆମର ବୈଦିକ କର୍ମକାଣ୍ଡ, ଦଶାହକାର୍ଯ୍ୟ ଓ ଶକ୍ତିପୀଠ ମାନଙ୍କରେ ପୂଜା ପଦ୍ଧତି ତନ୍ତ୍ର ଆଧାରିତ ହୋଇଥାଏ । ପଶ୍ଚିମବଙ୍ଗର ତାରାପୀଠ ଓ ଆସାମର କାମାଖ୍ୟାପୀଠ ତନ୍ତ୍ର ପାଇଁ ପ୍ରସିଦ୍ଧ । ଆମ ଧର୍ମଗ୍ରନ୍ଥ ଓ ପୂଜାପଦ୍ଧତିରେ ତନ୍ତ୍ରର ସବିଶେଷ ବର୍ଣ୍ଣନା ରହିଛି । କେବଳ ଆମ ଦେଶ ନୁହେଁ, ବିଶ୍ୱର ଅନେକ ଦେଶର ବିଭିନ୍ନ ଧର୍ମାବଲମ୍ବୀ, ମନ୍ତ୍ରତନ୍ତ୍ରରେ ବିଶ୍ୱାସ ରଖନ୍ତି । ଇଜିପ୍ଟ ଓ ଗ୍ରୀସ ଦେଶରେ, ସରକାରୀ ସ୍ତରରେ ତନ୍ତ୍ରସ୍କୁଲ ମାନ ପରିଚାଳିତ ହେବାର ଦେଖାଯାଏ ।

ତନ୍ତ୍ରର ପ୍ରାମାଣିକସିଦ୍ଧତା ପାଇଁ ମୋର ଏହି ଆଲେଖ୍ୟ ଉଦ୍ଦିଷ୍ଟ ନୁହେଁ, ତେବେ ଶୈଶବରୁ ଆଜି ପର୍ଯ୍ୟନ୍ତ ଏହି ଦିଗ ପ୍ରତି, ମୋର କୌତୁହଳ ରହି ଆସିଛି । ଗାଁ ଗଣ୍ଡାରେ ଝଡାଫୁଙ୍କା, ଟୁଣୁକାଟୁଣୁକି, ଡେଉଁରିଆ, କାଟପାଣି, ନଖଦର୍ପଣ, କୁଲା ଓ ଖଟିଆ ବୁଲା, ସର୍ପ ବିଷହରଣ ଆଦି ତନ୍ତ୍ର-ଉପଚାର ମାଧ୍ୟମରେ କରାଯାଏ । ଗୁଣିଆ ଗୁଣୀଗାରେଡି ଦ୍ୱାରା ଅନ୍ୟ ଶରୀରରେ ସବାର ହୋଇଥିବା ଡାହାଣୀ ଓ ପ୍ରେତମାନଙ୍କୁ ଛଡ଼ାଇବା ଦୃଶ୍ୟ ମୁଁ ନିଜ ଆଖିରେ ଦେଖିଛି । ଡାଆଣୀ ଅନ୍ୟ ଶରୀରରେ ସବାର ହୋଇ, ଉତ୍ପାତ ପ୍ରଦର୍ଶନ କରେ କିନ୍ତୁ ଗୁଣିଆର ଝୁଣାଧୁଆଁ ଓ ବେତବାଡିକୁ ତା'ର ପ୍ରବଳ ଭୟ ଥାଏ । ତେବେ ସବୁଠାରୁ କୌତୁହଳ ବିଷୟ ହେଉଛି ତନ୍ତ୍ର ବିଦ୍ୟା ସାହାଯ୍ୟରେ ଚୋର ଧରିବା । ଆଜିର ଅନୁଭୂତି ଗଳ୍ପରେ, ମୁଁ ଗୁଣିଆ ଦ୍ୱାରା ଚୋରି ଧନ ଉଦ୍ଧାର କରାଯିବାର ଏକ ସତ୍ୟ ଘଟଣାକ୍ରମ, ପାଠକ ମାନଙ୍କୁ ବାଣ୍ଟିବି ।

ଚୋର ଧରିବା ପାଇଁ ସାଧାରଣତଃ ଯେଉଁ କେତୋଟି ତାନ୍ତ୍ରିକ ପଦ୍ଧତି ପ୍ରୟୋଗ କରାଯାଏ ତା ଭିତରୁ ନଖଦର୍ପଣ, କୁଲାବୁଲା, ଖଟିଆ ଓ ପାତିଆବୁଲା ଆଦି ଅନ୍ୟତମ । ଏବେ ନିକଟରେ ଏହା ସହିତ ବେଞ୍ଚକୁ ମଧ୍ୟ ବ୍ୟବହାର କରା ଗଲାଣି । ନଖଦର୍ପଣରେ ଗୁଣିଆ ଏକ ଛୋଟ ପିଲାକୁ ମାଧ୍ୟମ କରି ପୂଜାପାଠ କରନ୍ତି ଓ ମୋବାଇଲ ସ୍କ୍ରିନ ଭଳି ତା ନଖରେ ଚୋରର ଚେହେରା ଓ ଗତିବିଧି ଲକ୍ଷ୍ୟ କରିବାକୁ କହନ୍ତି । କୁଲାବୁଲା ହେଉଛି ଚୋର ଧରିବାର ଅନ୍ୟ ଏକ କୌଶଳ । କୁଲାକୁ ମନ୍ତ୍ରଣ କରି ଏହାର ଉପର ଭାଗରେ ଏକ କଇଁଚି ସଂଯୁକ୍ତ କରି ଦୁଇଜଣଙ୍କୁ ଧରିବାକୁ ଦିଆଯାଏ । ସମ୍ଭାବ୍ୟ ଚୋରମାନଙ୍କ ନାମ ସଂଗ୍ରହ କରି ଗୁଣିଆ, କୁଲାକୁ ବାମକୁ କିମ୍ବା ଡାହାଣକୁ ବୁଲିବାକୁ ନିର୍ଦ୍ଦେଶ ଦିଅନ୍ତି । ଯାହା ନାମରେ କୁଲା ବୁଲିଯାଏ ସେ ଚୋର ସାବ୍ୟସ୍ତ ହୁଏ ।

ଚୋରି ଧନ ଠାବ କରିବାକୁ ଗୁଣିଆ ଏକ ଖଟିଆ ବା ତାଟିଆକୁ ମାଧ୍ୟମ କରିଥାନ୍ତି । ଖଟିଆ ବୋହିବା ପାଇଁ ଚାରିଜଣ ବ୍ୟକ୍ତିଙ୍କ ଆବଶ୍ୟକତା ପଡୁଥିଲା ବେଳେ ତାଟିଆ ପାଇଁ ମାତ୍ର ଜଣେ ବ୍ୟକ୍ତିର ଆବଶ୍ୟକତା ପଡିଥାଏ । ଗୁଣିଆ ଦ୍ୱାରା ଅଭିମନ୍ତ୍ରିତ ତାଟିଆ (କଂସା ନିର୍ମିତ ଏକ ଥାଳିଆ ) ଉପରେ ଜଣେ ବ୍ୟକ୍ତି ହାଲୁକା ଭାବେ ହାତ ରଖିଲା ମାତ୍ରେ ଏହା ସ୍ୱଂୟ ଗତିଶୀଳ ହୋଇଥାଏ । ବିଭିନ୍ନ ଜାଗା ବୁଲିବୁଲି ଶେଷକୁ ଚୋର ଘର ଆଗରେ ଅଟକି ଯାଏ କିମ୍ବା ଲୁକ୍କାୟିତ ଚୋରି ଧନକୁ ଠାବ କରିବାରେ ସକ୍ଷମ ହୁଏ । ଖଟିଆ ଓ ପାତିଆ ଦ୍ୱାରା ଚୋର ଧରିବାର କୌଶଳ ମଧ୍ୟ ଅନୁରୂପ ହୋଇଥାଏ ।

ଶୈଶବରେ ଏମିତି ଅନେକ ଦୃଶ୍ୟ ଆମ ଗ୍ରାମରେ ଦେଖି ଆମେ ଆମୋଦିତ ହେଉଥିଲୁ । କୌତୁହଳବଶତଃ ଆମେ ଚୋର କିମ୍ବା ଚୋରିଧନ ଠାବ ହେବା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲୁ । ମନରେ ସ୍ୱତଃ ପ୍ରଶ୍ନ ଉଠୁଥିଲା, ଯଦି ଏତେ ସହଜରେ ଚୋର ଧରା ପଡିଯାଉଛି, ତାହେଲେ ସରକାର ପ୍ରତି ଥାନାରେ ଜଣେ ଜଣେ ଗୁଣିଆକୁ ନିଯୁକ୍ତି ଦେଉ ନାହାନ୍ତି କାହିଁକି ?

ଥରେ ସ୍କୁଲରୁ ଫେରି ଏକ ଅଭିନବ ଦୃଶ୍ୟ ଆମ ଗ୍ରାମରେ ଦେଖିଲି । ଜଣଙ୍କର କଂସା ବାସନ ପୂର୍ବ ରାତିରେ ଚୋରି ହୋଇ ଯାଇଛି । ମୁରବୀ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ସହିତ ଗ୍ରାମବାସୀମାନେ ଆମ ପାଖ ଗାଁର ଏକ ପ୍ରସିଦ୍ଧ ଗୁଣିଆ (ଡାକନାମ ଗେଡୁ)ର ସାହାଯ୍ୟ ନେଇଛନ୍ତି । ଏକ କଂସା ଥାଳିଆକୁ ଫୁଲ, ସିନ୍ଦୂର, ଧୂପ ଆଦି ଦେଇ ଗେଡୁ ମନ୍ତ୍ର ଉଚ୍ଚାରଣରେ ବ୍ୟସ୍ତ । ଚୋର ନିଶ୍ଚୟ ଧରାପଡିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । କାରଣ ଗେଡୁ ଗୁଣିଆ ଅତୀତରେ ଅନେକ ଚୋରି ଜିନିଷ ଉଦ୍ଧାର କରିଛି । ଗ୍ରାମବାସୀଙ୍କ ମଧ୍ୟରେ ଅଭୂତପୂର୍ବ ନୀରବତା ଓ ଉତ୍କଣ୍ଠା ।

ଏଥରକ ଜଣେ କକା ସଂପର୍କୀୟ ବ୍ୟକ୍ତିଙ୍କୁ ଗୁଣିଆ ଡାକିଲେ ଓ ତାଟିଆ ଉପରେ ହାତ ରଖିବାକୁ କହିଲେ । ଆଶ୍ଚର୍ଯ୍ୟ, ତାଟିଆ ଗତିଶୀଳ ହେଲା ଓ କ୍ଷୀପ୍ର ଗତିରେ ଚାଲିବାକୁ ଆରମ୍ଭ କଲା । ତାଟିଆଟି ଆମ ଗାଁ ଠାକୁରାଣୀ ବିଜେସ୍ଥଳୀ ପାଖରୁ ମଠପୋଖରୀ ଦେଇ ଗାଁ ଦଣ୍ଡା ଆଡ଼କୁ ମୁହାଁଇଲା । ଗାଁ ଯାକର ଲୋକ ଦେଖିବାକୁ ଠେଲାପେଲା । ତାଟିଆ ଉପରେ ହାତରଖି କକା ଦୌଡୁଥାନ୍ତି ଆଉ ଆମେ ସବୁ ପଛେ ପଛେ । ଗେଡୁ ଗୁଣିଆ ରାଜକୀୟ ଶୈଳୀରେ ଧୀରେ ଧୀରେ ଚାଲୁଥାଏ । ଶେଷକୁ କକା ଆଉ ଦୌଡି ପାରିଲେ ନାହିଁ । ହାଲିଆ ହୋଇ ବସି ପଡିଲେ । ଗୁଣିଆ ମଧ୍ୟ କକାଙ୍କ ଅବସ୍ଥା ଦେଖି ମୟୂର ଚନ୍ଦ୍ରିକା ଉପରକୁ ଟେକି ତାଟିଆକୁ ଅଟକିବାକୁ ନିର୍ଦ୍ଦେଶ ଦେଲା । ଏହାପରେ ଦ୍ୱିତୀୟ ବ୍ୟକ୍ତି ଖୋଜା ପଡିଲା । ଦ୍ୱିତୀୟ ପାଳିରେ ତାଟିଆ ଉପରେ ହାତ ରଖିବ କିଏ ?



ଏହି ସୁବର୍ଣ୍ଣ ସୁଯୋଗକୁ ମୁଁ ସତେ ଯେମିତି ଆଗରୁ ଅପେକ୍ଷା କରୁଥିଲି । ଗୁଣିଆ ଆଗକୁ ମୁଁ ଡେଇଁପଡି କହିଲି- 'ମୁଁ ଧରିବି' । ଦୀର୍ଘ ଦିନର କୌତୁହଳ ମେଣ୍ଟାଇବା ପାଇଁ ମୁଁ କିଛି ସମୟ ଦୌଡ଼ିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ଥିଲି । ଗୁଣିଆ ମୋତେ ଆପାଦ ମସ୍ତକ ନିରୀକ୍ଷଣ କଲା । ତାପରେ କିଛି ସମୟ ମନ୍ତ୍ର ବୋଲି ମୋ ଉପରକୁ ଫୁଲ ଓ ଚାଉଳ ଫୋପାଡ଼ି, ତାଟିଆ ଉପରେ ଅତି ହାଲୁକା ଭାବରେ ହାତ ରଖିବାକୁ କହିଲା । ଆଶ୍ଚର୍ଯ୍ୟ, ମୁଁ ହାତ ରଖିଲା ପରେ ତାଟିଆ ଇଞ୍ଚେ ମାତ୍ର ଘୁଞ୍ଚିଲା ନାହିଁ । ଗୁଣିଆ ବ୍ୟସ୍ତ ହୋଇ ପଡି ପୁନର୍ବାର ମନ୍ତ୍ର ବୋଲି ତାଟିଆକୁ ନିର୍ଦ୍ଦେଶ ଦେଲା । ସେଇ ଏକା କଥା । ଥାଳିଆ ଘୁଞ୍ଚୁ ନାହିଁ । କଣ କରାଯିବ । ଗୁଣିଆ ଏଥରକ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ କହିଲା- 'ଏ ପିଲାଟିର କିଛି ଅସୁବିଧା ଅଛି' । ଏହା ବଦଳରେ ଅନ୍ୟ କାହାକୁ ଡକାଯାଉ ।

ମୋ' ପରେ ଆଉ ଜଣେ ଯୁବକ ତାଟିଆ ଉପରେ ହାତ ରଖିବାକୁ ଇଚ୍ଛା ପ୍ରକାଶ କଲେ । ଆଶ୍ଚର୍ଯ୍ୟ, ତାଟିଆ ପୂର୍ବବତ ଦୌଡିବାକୁ ଲାଗିଲା । ଗ୍ରାମବାସୀ ମାନେ - 'ଆନନ୍ଦେ ଏକବାର ହରିବୋଲ' କହି ଚିତ୍କାର କଲେ । ଏଥରକ କିନ୍ତୁ ତାଟିଆ ଗ୍ରାମଦାଣ୍ଡ ପରିକ୍ରମା କରି ପୁନର୍ବାର ସେହି ମଠପୋଖରୀ ପାଖରେ ଆସି ପହଞ୍ଚିଲା ଓ ଆଉ ସେଠାରୁ ତିଳେ ମାତ୍ର କୁଆଡେ ଘୁଞ୍ଚିଲା ନାହିଁ । ଶେଷକୁ ଗେଡୁ ଗୁଣିଆ ସଦର୍ପେ ଘୋଷଣା କଲା 'ଚୋରି ଯାଇଥିବା ସମସ୍ତ କଂସାବାସନ ଏହି ପୋଖରୀରେ ଲୁଚା ଯାଇଛି' ।

ଦୁଇ-ତିନିଟା ଟୋକା, ଖପଖାପ୍ କରି ପାଣିକୁ ଡେଇଁ ପଡିଲେ । ଚୋରି ଯାଇଥିବା ଦ୍ରବ୍ୟ ଉଦ୍ଧାର ହେଲା, କିନ୍ତୁ ଅଧା ଜିନିଷ ମିଳିଲା । ଗୁଣିଆ କହିଲା- 'ଚୋର ଅନ୍ୟ ଏକ ଗ୍ରାମର । କଂସାବାସନ ଓଜନିଆ ହେବାରୁ ସବୁ ଜିନିଷ ଏକାଥରକେ ନେଇ ପାରି ନାହିଁ । ଧରା ପଡିଯିବା ଭୟରେ ପୋଖରୀରେ ଅଧେ ଲୁଚାଇ ଦେଇଯାଇଛି । ପୁଣି ରାତି ହେଲେ ଆସି ନେଇଥାନ୍ତା' । ସେଦିନ ଗ୍ରାମବାସୀ ଗୁଣିଆକୁ ଭୁରିଭୁରି ପ୍ରଶଂସା କଲେ । ତାକୁ ପାରିଶ୍ରମିକ ଦେଇ ସସମ୍ମାନେ ବିଦା କଲେ । ଚୋରି ଯାଇଥିବା ଧନ ଫେରି ପାଇଥିବା ବ୍ୟକ୍ତି ଜଣକ ଖୁସିରେ ଗଦଗଦ ହୋଇ ଗୁଣିଆର ଗୋଡତଳେ ପଡିଗଲା ।

ସେଦିନ ରାତିରେ ମୁଁ ଠିକଭାବେ ଶୋଇ ପାରିଲି ନାହିଁ । ଅନ୍ୟମାନଙ୍କ ହାତରେ ଗତିଶୀଳ ହେଉଥିବା ତାଟିଆ ମୋ ହାତରେ ଚାଲିଲା ନାହିଁ କାହିଁକି ? ପୁନଶ୍ଚ ଚୋରିଧନ ଉଦ୍ଧାରକୁ ତ ମୁଁ ନିଜ ଆଖିରେ ଦେଖିଥିଲି । ଏହି ସବୁ ଘଟଣାକ୍ରମ, ମୋ ମନ ମସ୍ତିଷ୍କକୁ ଆନ୍ଦୋଳିତ କରୁଥିଲା । ମୁଁ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନଥିଲି ।

ଏହାର କିଛିଦିନ ପରେ ଗେଡୁ ନାମଧାରୀ ତଥାକଥିତ ଗୁଣିଆ ଜଣକ, ଗ୍ରାମର ଅନ୍ୟ ଜଣଙ୍କ ଘରେ ପଶି ଚୋରି କରୁଥିବା ବେଳେ ଧରାପଡି ନିର୍ଦ୍ଧୁମ ଛେଚା ଖାଇ ପୋଲିସକୁ ହସ୍ତାନ୍ତର କରା ଯାଇଥିଲା । ସବୁଠାରୁ ମଜାକଥା, ତାଟିଆକୁ ଗତିଶୀଳ କରାଉଥିବା ବ୍ୟକ୍ତିମାନେ 'ଗେଡୁଗ୍ୟାଙ୍ଗ'ର ସଦସ୍ୟ ଥିଲେ ।

- ଭୁବନେଶ୍ୱର

*ମୋବାଇଲ୍ - ୭୯୭୮୪୨୦୪୯୩*



# କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇଁ ପୂଜାର୍ଚ୍ଚନା

**କେନ୍ଦ୍ରାପଡ଼ା (ଭିଓଭି) :** କେନ୍ଦ୍ରାପଡ଼ା ଜିଲ୍ଲାରେ କୁମ୍ଭୀର ଆତଙ୍କ ଉଦବେଗ ସୃଷ୍ଟି କରିଛି । ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ନଦୀ ନାଳ ଓ ବାଡ଼ି ପୋଖରୀରେ ବି କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି । ପ୍ରତିବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଜାତୀୟ ଉଦ୍ୟାନ ନଦୀନାଳରେ ସ୍ଥାନାଭାବରୁ କୁମ୍ଭୀର ଗାଁ ମୁହାଁ ହେଉଛନ୍ତି । କୁମ୍ଭୀର ଆକ୍ରମଣର ପ୍ରତିକାର ପାଇଁ ଲୋକଙ୍କର ଆଉ ପ୍ରଶାସନ ଉପରେ ଭରସା ନାହିଁ, ଲୋକେ ପୂଜାପାଠ କରୁଛନ୍ତି ।

ଗାଁକୁ ଚାରିପଟୁ ଘେରି ରହିଛି ୩ଟି ନଦୀ । ନଦୀ କୂଳରେ ଚାଲିଛି ପୂଜାର୍ଚ୍ଚନା । କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ କୁମାରୀ କରୁଛନ୍ତି କୁମ୍ଭୀର ପୂଜା । ୧୦ ବର୍ଷ ହେବ ଏହି ନିଆରା ପରମ୍ପରା ଚାଲି ଆସୁଛି । ମାଘମାସ ପୂର୍ଣ୍ଣିମା ଅର୍ଥାତ୍ ଅଗ୍ନି ଉତ୍ସବ ଦିନ ନଦୀ କୂଳରେ କୁମାରୀମାନେ କରିଥାନ୍ତି ଏହି କୁମ୍ଭୀର ପୂଜା । ନଳପାହି ଗାଁ ବ୍ରାହ୍ମଣୀ ନଦୀ କୂଳରେ କାଦୁଅରେ କୁମ୍ଭୀର ମୂର୍ତ୍ତି ତିଆରି କରି ସ୍ୱତନ୍ତ୍ର ଭାବେ ପୂଜା କରିଆସୁଛନ୍ତି ।

କେନ୍ଦ୍ରାପଡା ଆଳି ବ୍ଲକ ଏକମାଣିଆ ପାଞ୍ଚାୟତର ଏକମାଣିଆ, ନଳପାହି, ଦକ୍ଷିଣଡିଆ ଗାଁକୁ ଚାରିପଟୁ ବ୍ରାହ୍ମଣୀ ନଦୀ ଘେରି ରହିଛି । ପାଞ୍ଚାୟତର ଲୋକେ ମାଛ ଧରି ଏବଂ ଗାଈ ମଇଁଷି ପାଳନ କରି ପରିବାର ପ୍ରତିପୋଷଣ କରିଥାନ୍ତି । ନିତିଦିନିଆ କାମ ପାଇଁ ନଦୀ ଉପରେ ନିର୍ଭର କରିଥାନ୍ତି । ଗତ ୧୦ ବର୍ଷରେ କୁମ୍ଭୀର ଆକ୍ରମଣରେ ୩ ଜଣଙ୍କ ଜୀବନ ଯାଇଛି । କୁମ୍ଭୀର କବଳରୁ ଗାଁକୁ ସୁରକ୍ଷିତ ରଖିବା ସହ କୁମ୍ଭୀରଙ୍କୁ ଶାନ୍ତ କରିବା ପାଇଁ ପୂଜାର୍ଚ୍ଚନାକୁ ବାଛି ନେଇଛନ୍ତି । ୨୦୧୫ରେ ନଳପାହି ଗାଁର ଶିବ ପ୍ରସାଦ ବେହେରା ନଦୀରେ ମାଛ ମାରୁଥିବା ବେଳେ କୁମ୍ଭୀର ଟାଣି ନେଇଥିଲା, ସେହିପରି ସେହି ଗାଁର ମନୋରଞ୍ଜନ ସାହୁ ଗାଧୋଉଥିବା ବେଳେ କୁମ୍ଭୀର ମୁହଁରେ ପ୍ରାଣ ହରାଇଛନ୍ତି । ୫୦ରୁ ଅଧିକ ଗାଈଗୋରୁ କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି ।

## ସଂପାଦକୀୟ

# Jocky Small : ମାର୍କା ଓ ମାପ

କୌଣସି ସାମାଜିକ ଉତ୍ସବ ପାଳନ କଲାବେଳେ ସମସ୍ତେ ନିଜ ନିଜର ବନ୍ଧୁବାନ୍ଧବ ଓ ଜ୍ଞାତି ପରିଜନମାନଙ୍କୁ ଉପସ୍ଥିତ ହେବା ପାଇଁ ନିମନ୍ତ୍ରଣ କରିଥାନ୍ତି। ବନ୍ଧୁବାନ୍ଧବମାନେ ମଧ୍ୟ ନିଜର ଯଥାସାଧ୍ୟ ଯୋଗଦାନ କରିବା ଆମର ଏକ ସାମାଜିକ ପରମ୍ପରା। ସେହି ଯୋଗଦାନକୁ କିଏ ବେଭାର - ବନ୍ଦାଣ କହୁଥାଏ ତ କେହି ଆଉ କିଛି ନାଁରେ କହିଥାନ୍ତି। ବନ୍ଧୁ ଠାରୁ ଗୁଆ ବା ନିମନ୍ତ୍ରଣ ପତ୍ର ପାଇବା ପରେ ଏହି ବେଭାର କିଏ ଅର୍ଥ ଆକାରରେ, ପୁଣି କିଏ ବସ୍ତ୍ର କି ସଉଦା ଓ ପନିପରିବା ଆକାରରେ ଦେଇଥାନ୍ତି। ଆଜିକାଲି ଆଧୁନିକ ଯୁଗରେ କେହି କେହି ବ୍ୟୟବହୁଳ ଇଲୋକ୍ଟ୍ରୋନିକ୍ସ ଜିନିଷ ମଧ୍ୟ ବେଭାର କି ବନ୍ଦାଣ ଆକାରରେ ଦେଇଥାନ୍ତି। କୌଣସି ଉତ୍ସବ ସମୟରେ ଏଥି ନିମନ୍ତେ ସମସ୍ତଙ୍କ ଘରେ ଏକ ବେଭାର-ବନ୍ଦାଣ ଖାତା ଦେଖିବାକୁ ମିଳିଥାଏ। ଯେକୌଣସି ଶୁଭ ଓ ଅଶୁଭ କାର୍ଯ୍ୟମାନଙ୍କରେ କେଉଁ ବନ୍ଧୁ ବେଭାର ଆକାରରେ କଣ ଦେଇଥାନ୍ତି ତାହା ସେହି ଖାତାରେ ଲେଖା ଯାଇଥାଏ। ତେଣୁ ନିଜେ କୌଣସି ଉତ୍ସବକୁ ଯିବା ପୂର୍ବରୁ ସେହି ଖାତାରୁ ଦେଖା ଯାଇଥାଏ ଯେ ସେହି ବନ୍ଧୁ କେତେ ଟଙ୍କା ବା କଣ ସବୁ ଉପହାର ସ୍ୱରୂପ ଦେଇଥିଲେ। ତଦନୁଯାୟୀ ତାଙ୍କୁ ମଧ୍ୟ ସେହି ଭଳିଆ ବା ସମ ପରିମାଣର ଉପହାର ଦିଆଯାଇଥାଏ। ବେଭାର-ବନ୍ଦାଣର ପରିମାଣକୁ ଦେଖି ବନ୍ଧୁ ମାନଙ୍କୁ ଫେରସ୍ତ ଉପହାର ସ୍ୱରୂପ ଏକ ମର୍ଯ୍ୟାଦା ପ୍ରଦାନ କରିବାର ପରମ୍ପରା ଆଜି ବି ରହିଛି। ମର୍ଯ୍ୟାଦା ସ୍ୱରୂପ ପୁରୁଷ, ସ୍ତ୍ରୀ ଓ ପିଲାଛୁଆମାନଙ୍କ ପାଇଁ ପ୍ରାୟ ବସ୍ତ୍ର ଇତ୍ୟାଦି ଦିଆଯାଇଥାଏ। କାହାକୁ କେମିତି ମାନର ଫେରସ୍ତ ଉପହାର ଦିଆଯିବ ତାହା ବେଭାର ଓ ବନ୍ଦାଣକୁ ଦେଖି ସ୍ଥିର କରାଯାଇଥାଏ। ଅପ୍ରିୟ ହେଲେ ବି ଏହି କଥାଟି ସତ୍ୟ। ଏବେ ବିଷୟର ଆଉ ଟିକେ ଭିତରକୁ ଯିବା। ଆମେ ପାଉଥିବା ପ୍ରାୟ ମର୍ଯ୍ୟାଦା ସବୁକୁ ନିଜେ ବ୍ୟବହାର ନକରି ଅନ୍ୟ କାହାକୁ ବାଣ୍ଟିଦେବା କିମ୍ବା ଅନ୍ୟ କାହାରି କାମରେ ଦିଆନିଆ କରି ଦେଉଥିବାର ଦେଖାଯାଏ। ଏହାର କାରଣ ସେହି ବସ୍ତ୍ରଗୁଡ଼ିକର ମାନ ପ୍ରାୟତଃ ନିମ୍ନ ସ୍ତରର ହେଇଥାଏ। ବ୍ୟବହାର ଉପଯୋଗୀ କିମ୍ବା ପସନ୍ଦ ହେଉ ନଥିବା କାରଣରୁ ସେହି ମର୍ଯ୍ୟାଦାଟି ଆଉ କାହାପାଖକୁ ଚାଲି ଯାଇଥାଏ। ଏବେ ଆସିବା ଆଜିର ପ୍ରସଙ୍ଗକୁ। ଅଙ୍ଗେ ନିଭାଇ ଥିବା ଦୁଇଟି ଉଦାହରଣ ମୁଁ ଏଠାରେ ରଖିବାକୁ ଚାହୁଁଛି। ୨୦୦୭ ମସିହାରେ ଏକ ଉତ୍ସବ ନିମନ୍ତେ ପିଉସୀ ପୁଅ ଭାଇ କୈଳାସର ପୁଅ ପାଇଁ ସାର୍ଟ କିଣିବା ନିମନ୍ତେ ତାକୁ ପୁଅର ସାର୍ଟ ସାଇଜ ବା ମାପ ପଚାରିବା ବେଳେ ସେ ମୋତେ "Jinijony - Small" ବୋଲି କହିଥିଲା। ସେତେବେଳେ ଏହା ଛୋଟପିଲାଙ୍କ ପାଇଁ ଏକ ଭଲ ବ୍ରାଣ୍ଡ ବୋଲି ମୋର ଧାରଣା ନଥିଲା। ମୁଁ ହୁଏତ ତାଠାରୁ ସାର୍ଟର ମାପ ସ୍ମଲ୍ ବୋଲି ଶୁଣିବା ପରେ ବଜାର ଯାଇ କୌଣସି ଦୋକାନରୁ ସେହି ମାପର ସାର୍ଟ କିଣି ଦେଇଥାନ୍ତି। ସେହି ମାପ ଫିଟିଂ ହୋଇଥାନ୍ତା କି ନାହିଁ ତାହା ପର କଥା। କିନ୍ତୁ ସେ ତାର ମାପ ସହିତ ପସନ୍ଦର ବ୍ରାଣ୍ଡଟି କହି ଦେଇଥିବାରୁ ମୋର ଆଉ ଅଯଥା ସମୟ ଅପଚୟ ହେଲା ନାହିଁ। ମୁଁ ନିର୍ଦ୍ଦିଷ୍ଟ ଦୋକାନକୁ ଯାଇ ସ୍ମଲ ସାଇଜର ସାର୍ଟ ତା ପୁଅ ପାଇଁ କିଣିବା ସହିତ ଧଳା ରଙ୍ଗର ଏକ ଟି-ସାର୍ଟ ମୋ ନିଜ ପାଇଁ କିଣିଥିଲି। ଏଇ ନିକଟରେ ଭଉଣୀର ଶାଶୁଙ୍କ ଦେହାନ୍ତ ହୋଇଥିବାରୁ ପ୍ରଥା ଓ ପରମ୍ପରା ଅନୁସାରେ ଶ୍ୱଶୁର ଘର ତରଫରୁ ଝିଅ ଓ ଜୋଇଁଙ୍କ ପାଇଁ ଦଶାହ ଦିନ ପିନ୍ଧିବା ନିମନ୍ତେ ବସ୍ତ୍ର କିଣିଦେବାର ଦାୟିତ୍ୱ ବଡ ଭାଇ ମୋ' ଉପରେ ନ୍ୟସ୍ତ କରିଥିଲେ। ଜ୍ୱାଇଁ ନୀରୁ ଭାଇନା, ତାଙ୍କ ସାନ ଭାଇ ଅଶୋକ ବାବୁ, ଭଉଣୀ ଓ ତା ସାନ ଯାଆ ପାଇଁ ଧୋତି, ଲୁଗାପଟା ସବୁ ମୁଁ କିଣି ଦେଲି। ଗଞ୍ଜି ଓ ଜଂଘିଆ ମାପ ମୋତେ ଜଣା ନଥିବାରୁ ଜ୍ୱାଇଁଙ୍କ ସାନ ଭାଇ ଅଶୋକ ବାବୁଙ୍କୁ ଫୋନ୍ କଲି। ସେ ସେପଟୁ ତୁରନ୍ତ ଉତ୍ତର ଦେଲେ "Jocky - Small"। ମୁଁ କିଣୁଥିବା ଦୋକାନରେ ସେହି ବ୍ରାଣ୍ଡର ଜିନିଷ ନଥିଲା। ତେଣୁ ଦୋକାନୀ ଭାଇ ଜଣଙ୍କ କହିଲେ ଆଜ୍ଞା ଜକି'ର ସ୍ମଲ ମାନେ ଆମର ଏହି ବ୍ରାଣ୍ଡ'ର ମିଡ଼ିଅମ୍ ସାଇଜ ନେଲେ ଠିକ୍ ହେବ। ମୁଁ ଦୋକାନୀ ଭାଇଙ୍କ କଥା ଉପରେ ଗୁରୁତ୍ୱ ନଦେଇ ନିକଟସ୍ଥ ଜକି ସୋ-ରୁମ୍'କୁ ଯାଇ ନିର୍ଦ୍ଦିଷ୍ଟ ଜିନିଷଟି କିଣିଦେଲି। ଦୋକାନୀ ଭାଇଙ୍କ କଥାରେ ଆଣିଥିଲେ ହୁଏତ ମାପ ଠିକ୍ ହୋଇଥାନ୍ତା କିନ୍ତୁ ସର୍ବଦା ଜକି ବ୍ରାଣ୍ଡ ବ୍ୟବହାର କରୁଥିବାରୁ ଅନ୍ୟ ଏକ ବ୍ରାଣ୍ଡର ଜିନିଷକୁ ବ୍ୟବହାର ବୋଧହୁଏ କରିନଥାନ୍ତେ। ବର୍ତ୍ତମାନ ସହିତ ୨୦୦୭ ମସିହାର ଜିନିଜନି ବ୍ରାଣ୍ଡ କିଣିବାର ଅଭିଜ୍ଞତାକୁ ସ୍ମରଣ କରି ଅଗତ୍ୟା ମୁଁ ଜକି ବ୍ରାଣ୍ଡର କିଣିଦେଇ ମୋର ସମୟ, ପରିଶ୍ରମ ଓ ଅର୍ଥର ଅପଚୟ ହେବାକୁ ଦେଲିନି। ଏହି ଅଭିଜ୍ଞତା ମତେ ଏକ ବଡ ଶିକ୍ଷା ଦେଲା ଯେ ମର୍ଯ୍ୟାଦା ସ୍ୱରୂପ ଦିଆଯାଉଥିବା ଉପହାରଟି ବ୍ୟବହାର ଉପଯୋଗୀ ନା ନାହିଁ ତାହା ଦେଉଥିବା ଲୋକ ନିହାତି ଭାବରେ ଚିନ୍ତା କରିବା ଉଚିତ୍। ଅନ୍ୟଥା ବିଭିନ୍ନ ସଭା ସମିତିରେ ଅତିଥିମାନଙ୍କୁ ଦିଆଯାଉଥିବା ଉପଢୌକନ, ନୂଆ ବର୍ଷ କ୍ୟାଲେଣ୍ଡର ଓ ଡାଏରୀ ଭଳି ଏହା ଜଣଙ୍କ ପାଖରୁ ଅନ୍ୟ ଜଣଙ୍କ ପାଖକୁ ଘୁରି ବୁଲୁଥିବ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବିରଳା ଭବନରେ ସନ୍ଧ୍ୟା

**ଅର୍ଜୁନୀ ଚରଣ ବେହେରା**

ସେଦିନ ଥିଲା ୩୦ ଜାନୁଆରୀ, ୧୯୪୮ ମସିହା । ଭୋର ହେବାର ସାମାନ୍ୟ ଆଗରୁ ୩ଟା ୩୦ରେ ଗାନ୍ଧୀ ଶଯ୍ୟା ତ୍ୟାଗକଲେ । ଏହା ତାଙ୍କ ପ୍ରଭାତୀ ପ୍ରାର୍ଥନାର ନିରୁପିତ ସମୟ । ଗାନ୍ଧିଙ୍କ ପ୍ରାର୍ଥନାରେ ଯୋଗ ଦେବାପାଇଁ ମନୁ ଆଭା ମଧ୍ୟ ଶଯ୍ୟାତ୍ୟାଗ କଲେ । ସେତେବେଳେ ନୂଆଦିଲ୍ଲୀ ରେଳଷ୍ଟେସନ ବିଶ୍ରାମ କକ୍ଷରେ ଘୋର ତମିଶ୍ରାରେ ଶୋଇ ଥାନ୍ତି ନାଥୁରାମ ଗଡ଼ସେ, ନାରାୟଣ ଆପ୍ଟେ ଏବଂ ବିଷ୍ଣୁ କରକରେ । ଗୋଟିଏ ଷଡଯନ୍ତ୍ରର ରୂପାୟନ ପାଇଁ ସେମାନେ ଆସି ପହଞ୍ଚି ଥିଲେ ଦିଲ୍ଲୀରେ ।

ଭୋର ହୋଇଗଲା । ଗାନ୍ଧୀଙ୍କ ପାଇଁ ଦୁଇ ନାତୁଣୀ ମନୁ ଓ ଆଭା ମହୁମିଶା ଲେମ୍ବୁରସ ସର୍ବତ ଟିକେ କରି ଆଣି ଦେଲେ । ସେଇତକ ପିଇ ଗାନ୍ଧୀ ବସି ପଡ଼ିଲେ, ତାଙ୍କ ଲେଖା ଟେବୁଲ ପାଖରେ । କାଲି ସାମ୍ପ୍ରଦାୟୀକ ସଂପ୍ରୀତି ଫେରାଇ ଆଣିବା ଚେଷ୍ଟା ଉଦ୍ୟମରେ ତାଙ୍କର ଲାହୋର ଯିବାର କାର୍ଯ୍ୟକ୍ରମ ରହିଛି । ଇଆଡ଼େ ପ୍ରଧାନମନ୍ତ୍ରୀ ନେହେରୁ ଓ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ମଧ୍ୟରେ ଫାଟ ଓ ମତଭେଦ ଯୋଗୁଁ ଦେଶରେ ଚରମ ରାଜନୈତିକ ଅସ୍ଥିରତା ସୃଷ୍ଟି ହେବା ସମ୍ଭାବନା । ଏହାକୁ ନେଇ ଲଣ୍ଡନ ଟାଇମ୍ସ ପତ୍ରିକାରେ ଚାଞ୍ଚଲ୍ୟକର ସମ୍ବାଦ ମାନ ଛପା ଯାଇଛି । ଏ ସବୁ ଆଲୋଚନା ପାଇଁ ସର୍ଦ୍ଦାର ପଟେଲଙ୍କୁ ଦିନ ଚାରିଟା ବେଳେ ବିରଳା ଭବନକୁ ସେ ଡକାଇଛନ୍ତି । କଂଗ୍ରେସକୁ ଗୋଟିଏ ରାଜନୈତିକ ଦଳ ବଦଳରେ ଏକ ସେବା ସଂସ୍ଥା ଭାବେ ଗଢ଼ି ତୋଳିବା ପାଇଁ ତାଙ୍କର ଇଛା । ସେ ସଂଗଠନର ନାମ ସେ ରଖିଛନ୍ତି ଲୋକ ସେବକ ସଂଘ । ଏହାର ଆଭିମୁଖ୍ୟ ରହିବ ଦେଶ ମଧ୍ୟରୁ ନିରକ୍ଷରତା, ଅସ୍ପୃଶ୍ୟତା, ସ୍ୱାସ୍ଥ୍ୟ ହୀନତା ଏବଂ ସାମ୍ପ୍ରଦାୟିକ ଅସହିଷ୍ଣୁତା ଦୂର କରିବା । ସଂଘର ସମ୍ବିଧାନ, ଆଭିମୁଖ୍ୟ ଏବଂ କାର୍ଯ୍ୟ ଧାରାର ଚିଠା ଏକ ପ୍ରସ୍ତୁତ କରି ଗାନ୍ଧୀ ପ୍ୟାରେଲାଲଙ୍କୁ ଧରାଇ ଦେଲେ ଓ କହିଲେ, ମାନସିକ ଅସ୍ଥିରତା ମଧ୍ୟରେ ମୁଁ ଏହି ଚିଠାଟି ତରବର ହୋଇ ପ୍ରସ୍ତୁତ କରିଛି । ଏହା ମଧ୍ୟରେ ଅନେକ ଫାଙ୍କ ଅଛି, ତୁମେ ତାକୁ ପୂରଣ କରିନେବ । ଗାନ୍ଧୀ ସେହି ଚିଠାଟି ପ୍ରସ୍ତୁତ କରି ଅନେକ ଶାନ୍ତି ପାଇଥିଲେ । ଆଠଟା ବେଳେ ବ୍ରିଜକ୍ରିଷ୍ଣା ଗାନ୍ଧୀଙ୍କୁ ତେଲ ମାଲିସ କରିଦେଲେ । ଗାଧୋଇ ସାରି ଗାନ୍ଧୀ ଛେଳିକ୍ଷୀର, ଟମାଟର ଓ ମୂଳାର ସିଝା ପରିବା ଏବଂ କମଳା ରସରେ ପ୍ରାତଃ ଭୋଜନ କରିନେଲେ ।



ମଧ୍ୟାହ୍ନ ସମୟରେ ଜଣେ ଆମେରିକୀୟ ଫଟୋ ଗ୍ରାଫର ଏବଂ ବ୍ରିଟେନର ସାହିତ୍ୟିକା ମାର୍ଗାରେଟ ହ୍ୱାଇଟ ଗାନ୍ଧିଜୀଙ୍କୁ ଭେଟିବା ପାଇଁ ଯାଇ ବିରଳା ଭବନରେ ପହଞ୍ଚିଲେ । ଗାନ୍ଧୀଜି ଚଟାଣ ଉପରେ ବସି ଥାନ୍ତି ଓ ତାଙ୍କ ସାମ୍ନାରେ ଥୁଆ ହୋଇଥାଏ ଗୋଟିଏ ଘଣ୍ଟା । ସେହି ଘଣ୍ଟାକୁ ଓ ଗାନ୍ଧୀଙ୍କୁ ଚାହିଁ ମାର୍ଗାରେଟ କହିଲେ, 'ଆପଣ ସବୁବେଳେ କହି ଆସୁଛନ୍ତି ଶହେ ପଚିଶ ବର୍ଷ ବଞ୍ଚିବାକୁ ଚାହାଁନ୍ତି । କେଉଁ ଆଶାକୁ ନେଇ ଆପଣ ଏହି ଦୀର୍ଘ ଜୀବନ ବଞ୍ଚିବା କାମନା କରୁଛନ୍ତି । ଗାନ୍ଧିଜୀ ଉତ୍ତରରେ କହିଲେ, 'ବର୍ତ୍ତମାନ ମୁଁ ସେ ଆଶା ହରାଇବସିଛି, କାରଣ ଏବେ ପୃଥିବୀରେ ଭୟଙ୍କର ଘଟଣାମାନ ଘଟି ଯାଉଛି, ସେହି ପାଗଳାମି ଭିତରେ ମୁଁ ଆଉ ବଞ୍ଚିବାକୁ ଚାହୁଁ ନାହିଁ । ମୋ ସେବାର ପ୍ରୟୋଜନ ହେଲେ ଏବଂ ଯଦି ପରିସ୍ଥିତି ନିୟନ୍ତ୍ରଣ କରିବାର ଅଧିକାର ମୋତେ ମିଳେ, ତେବେ ଶହେପଚିଶ ବର୍ଷ ବଞ୍ଚିବାକୁ ମୁଁ ରାଜି' । ମାର୍ଗାରେଟ ପୁଣି ପ୍ରଶ୍ନ କଲେ, 'ଦଙ୍ଗାଗ୍ରସ୍ତ ଅଞ୍ଚଳ ଗସ୍ତ କରିବା ବେଳେ ଆପଣ କହିଥିଲେ, ମତେ ଚାରିଆଡ଼ ଅନ୍ଧକାର ଦେଖା ଯାଉଛି । ମୋତେ କୁହନ୍ତୁ ଏହା ମଧ୍ୟରେ କଅଣ ଆପଣ ସେହି ଆଲୋକର ସନ୍ଧାନ ପାଇ ଯାଇଛନ୍ତି' ? ଗାନ୍ଧିଜୀ କହିଲେ, ନାଆଁ, ଏ ପର୍ଯ୍ୟନ୍ତ ମୋତେ ସେ ଆଲୋକ ଦେଖା ଯାଇ ନାହିଁ ଏବଂ ସେଥି ପାଇଁ ମୁଁ ସଂଘର୍ଷ ଜାରି ରଖିଛି । ଆଉ ଏକ ପ୍ରଶ୍ନ ପଚାରିଲେ ମାର୍ଗାରେଟ । କୁହନ୍ତୁ ! ଅହିଂସା ଦ୍ୱାରା ଆପଣ କିପରି ପରମାଣୁ ବୋମାକୁ ସାମ୍ନା କରି ପାରିବେ । ଗାନ୍ଧୀଜୀ ଉତ୍ତର ଦେଲେ, ଏହି ପ୍ରଶ୍ନର କି ଉତ୍ତର, ମୁଁ ଦେଇ ପାରିବି । ମାତ୍ର ଯଦି ଆମେରିକାନ ପାଇଲଟମାନେ ମୋତେ ହିଁ ଲକ୍ଷ୍ୟ କରି ବୋମା ପକାଇବା ପାଇଁ ଆସନ୍ତି, ଅବଶ୍ୟ ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବି, ସେମାନଙ୍କୁ ସଦ୍ ବୁଦ୍ଧି ଦେବା ପାଇଁ ।

ଏମିତି କଥା ହେଉ ହେଉ, ଘଡ଼ିକୁ ଚାହିଁଲେ ଗାନ୍ଧୀଜୀ । ସାକ୍ଷାତକାର ସମୟ ଶେଷ ହୋଇଯାଇଛି ଜାଣି ମାର୍ଗାରେଟ ବିଦାୟ ନେଇ ଚାଲି ଗଲେ ।

ଠିକ୍ ଚାରିଟା ବେଳକୁ ପହଞ୍ଚିଲେ ସର୍ଦ୍ଦାର ପଟେଲ । ତାଙ୍କ ସାଥିରେ ଥାଆନ୍ତି ତାଙ୍କ ଝିଅ ମଣିବେନ ।

ଗାନ୍ଧୀ ଭାବୁଥିଲେ ଯେ, ପଟେଲ ଓ ନେହେରୁଙ୍କ ମଧ୍ୟରୁ ଜଣେ କେହି ଶାସନ ଦାୟିତ୍ୱ ଛାଡ଼ି ଲୋକ ସେବକ ସଂଘର ଦାୟିତ୍ୱ ନିଅନ୍ତୁ । କିଛି ସମୟର ପଟେଲଙ୍କ ସହ ଆଲୋଚନା ପରେ ସେ ଏହାକୁ ପରିବର୍ତ୍ତନ କଲେ । ଦେଶରେ ବର୍ତ୍ତମାନ ଗମ୍ଭୀର ପରିସ୍ଥିତି । ଏଭଳି ପରିସ୍ଥିତିରେ ଦେଶ ନିମନ୍ତେ ଉଭୟ ନେତାଙ୍କ ନେତୃତ୍ୱର ଆବଶ୍ୟକତା ଅଛି । ଜଣେ ଯଦି କେହି କ୍ଷମତା ଛାଡ଼ି ଦିଅନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହୋଇ ଯିବ । ତାଙ୍କର ପ୍ରୀୟ ବନ୍ଧୁମାନଙ୍କ ସହ ଆଲୋଚନା କରୁକରୁ ଅନେକ ସମୟ ବିତି ଯାଇଥିଲା । ବାପୁଙ୍କ ସାମ୍ନାରେ ଥିବା ଘଣ୍ଟା ଆଡ଼କୁ ଆଭା ତାଙ୍କ ଦୃଷ୍ଟି ଆକର୍ଷଣ କଲେ । ପଟେଲଙ୍କ କନ୍ୟା ମଣିବେନ ତାଙ୍କ ଇଙ୍ଗିତ ବୁଝି ପାରି ବାପାଙ୍କୁ କଥାବାର୍ତ୍ତାରୁ ନିବୃତ କରାଇଲେ । ପ୍ରାର୍ଥନା ସଭାକୁ ଯିବା ସମୟ ହୋଇ ଯାଇଥିଲା ।

ଗାନ୍ଧୀଜୀ ତରବରରେ ତାଙ୍କ ଚପଲ ହଳକ ପିନ୍ଧି ପ୍ରାର୍ଥନା ସଭାକୁ ବାହାରି ପଡ଼ିଲେ । ମନୁ, ଆଭାଙ୍କ କାନ୍ଧରେ ବାମ, ଡାହାଣ ହାତ ଭରା ଦେଇ ଗାନ୍ଧୀ ଧୀରେ ଧୀରେ ଚାଲିଲେ । ସାମାନ୍ୟ ବିଳମ୍ବ ହେଇ ଯାଇଥିବାରୁ ଆଭା କହିଲେ, ବାପୁ, ଆପଣ ଆଜି ଘଣ୍ଟାକୁ ଅଣଦେଖା କରିଛନ୍ତି । ଗାନ୍ଧୀଜୀ କହିଲେ, ମୁଁ ସମୟ ଜଗୁଆଳି ସାଙ୍ଗରେ ଥିଲା ବେଳେ ସେ ଘଣ୍ଟାକୁ ଦେଖିବା ମୋର କଅଣ ଦରକାର ।

ଏଭଳି ହସ କୌତୁକ ମଧ୍ୟରେ ସେମାନେ ଯାଇ ସଭାରେ ପହଞ୍ଚି ଗଲେ। ଶୀତ ଦିନିଆ ସନ୍ଧ୍ୟା । ସୂର୍ଯ୍ୟ ଅସ୍ତ ଯାଇ ସାରିଥାନ୍ତି । ମାତ୍ର ତିରିଶ ଗଜ ଦୂରରେ ଥାଏ ଖଦି କନାରେ ଆଚ୍ଛାଦିତ ପ୍ରାର୍ଥନା ମଞ୍ଚ । ମଞ୍ଚକୁ ଗାନ୍ଧୀ ଗଲା ବେଳେ ତାଙ୍କୁ ସମ୍ମାନ ଜଣାଇବା ପାଇଁ, ସମବେତ ଜନତା ଠିଆହୋଇ ପଡ଼ିଲେ । ଗାନ୍ଧୀଜୀ ହାତଯୋଡ଼ି ପ୍ରତି ନମସ୍କାର ଜଣାଉ ଥାନ୍ତି ।

ଏତିକିବେଳେ ବାମପଟୁ ତାଙ୍କ ନିକଟକୁ ଆସିବା ପାଇଁ ନାଥୁରାମ ଗଡ଼ସେ ମନୁଙ୍କୁ ଠେଲି ଦେଲେ । ମନୁଙ୍କ ହାତରୁ ଖସି ପଡ଼ିଲା ଗାନ୍ଧିଜୀଙ୍କ ଥଳିଟି ଓ ଆଶ୍ରମର ପ୍ରାର୍ଥନା ବହି ଖଣ୍ଡକ । ତାଙ୍କ ଆଗକୁ ନାଥୁରାମ ଆସି ନଇଁ ପଡ଼ିଲେ । ସେ ଗାନ୍ଧୀଜୀଙ୍କ ପାଦ ସ୍ପର୍ଶ କରିବାକୁ ଚାହୁଁଛି ଭାବି ମନୁ କହିଲେ, ପ୍ରାର୍ଥନା ସମୟ ବିଳମ୍ବ ହୋଇ ଯାଇଛି, ବାପୁଙ୍କୁ ଆଉ ଅଟକାନ୍ତୁ ନାହିଁ । ମନୁ ବାପୁଙ୍କ ଥଳି ଏବଂ ପ୍ରାର୍ଥନା ବହିଟିକୁ ଉଠାଇ ଆଣିବାପାଇଁ ତଳକୁ ନଇଁପଡ଼ିଲେ ।

ଏହି ସମୟରେ ନାଥୁରାମ ଗାନ୍ଧୀଜୀଙ୍କ ସାମ୍ନାକୁ ଚାଲି ଆସିଲେ । ପକେଟରୁ ପିସ୍ତଲ ବାହାର କରି ଲାଗ ଲାଗ ତିନି ରାଉଣ୍ଡ ଗୁଳି ଚଳାଇ ଦେଲେ । ପ୍ରଥମ ଗୁଳିଟି ଗାନ୍ଧୀଙ୍କ ପେଟ ଓ ଅନ୍ୟ ଦୁଇଟି ତାଙ୍କର ବକ୍ଷ ଭେଦ କଲା । ଗାନ୍ଧୀଜୀଙ୍କ ତୁଣ୍ଡରୁ ବାହାରିଆସିଲା ରାମ- ରା- !!! ଆତଙ୍କିତ ହୋଇ ଆଭା ତାଙ୍କୁ ଧରି ପକାଇଲେ । ଅନୁଚ୍ଚାରିତ ରାମ ନାମ ଓ ପ୍ରାର୍ଥନା ମୁଦ୍ରାରେ କିନ୍ତୁ ରହି ଯାଇଥିଲା ମହାତ୍ମାଙ୍କ ଯୋଡ଼ହସ୍ତ ।

ଶହ ଶହ ବର୍ଷ ବ୍ୟବଧାନରେ ପୃଥିବୀରେ ଜଣେ ଜଣେ ମହାତ୍ମାଙ୍କ ଆବିର୍ଭାବ ହୋଇଥାଏ । ବିଗତ ଶହସ୍ରାବ୍ଦରେ ସେହି ମହାତ୍ମା ଥିଲେ ମୋହନଦାସ କରମଚାନ୍ଦ ଗାନ୍ଧୀ । ସେ ବ୍ୟକ୍ତି ନୁହଁନ୍ତି । ସେ ଏକ ପ୍ରବାହ ଆଉ ସେହି ପ୍ରବାହ ଏବେ ମଧ୍ୟ ଗତିଶୀଳ ରହିଛି । ସେଥିପାଇଁ ତ ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଇନ୍ ଷ୍ଟାଇନ୍ କହିଥିଲେ, 'ବହୁ ପ୍ରଜନ୍ମ ପରେ କେହି ବିଶ୍ୱାସ କରିବେ ନାହିଁ ଯେ ଗାନ୍ଧୀ ନାମରେ ଜଣେ ରକ୍ତମାଂସଧାରୀ ମଣିଷ ଏ ଧରା ବକ୍ଷରେ ପଦଚାରଣ କରିଥିଲେ । ବିଶ୍ୱବିଖ୍ୟାତ ନାଟ୍ୟକାର ଜର୍ଜ ବର୍ଣ୍ଣାଡ଼ ସ ମଧ୍ୟ ଏକ ବାର୍ତ୍ତାରେ ଗାନ୍ଧୀଜୀଙ୍କୁ ଧୂଳି ମାଟିର ସନ୍ଥ ବୋଲି ଅଭିହିତ କରିଥିଲେ । ଗାନ୍ଧିଜୀଙ୍କ ଜୀବନ ଗୋଟିଏ ଖୋଲା ପୁସ୍ତକ, ସେ ଯଥାର୍ଥରେ କହିଯାଇଛନ୍ତି, "Let our lives be open books for all to study."

ମହାତ୍ମାଙ୍କୁ କୋଟି କୋଟି ନମନ !!!

ମୋ - ୭୬୯୩୦୯୧୯୭୧

## ମଣିମା ଶୁଣିମା ହେଉ...




# ଦେଶ ବିଦେଶରେ ନିନ୍ଦିତ ହେଉଛି କୋଣାର୍କ



**କୋଣାର୍କ (ଭିଓଭି) :** ଦୀର୍ଘ ବର୍ଷ ହେଲା ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳୀ କୋଣାର୍କରେ କାଜୁ ପ୍ୟାକେଟ କିଣି ଠକାମୀର ଶୀକାର ହେଉଛନ୍ତି ଦୂରଦୂରାନ୍ତରୁ ଆସୁଥିବା ଦେଶୀ ବିଦେଶୀ ପର୍ଯ୍ୟଟକମାନେ। ସ୍ଥାନୀୟ ପ୍ରଶାସନ, ପୋଲିସ ଓ ଖାଦ୍ୟ ନିରୀକ୍ଷକ ସବୁ ଜାଣି ଚୁପ୍ ହୋଇ ବସି ନିଦାବିଷ୍ଟୁ ସାଜିଛନ୍ତି। ବୁଧବାର ସକାଳେ କିଛି ପର୍ଯ୍ୟଟକ ଜଣେ ସାଇକେଲରେ ଆସିଥିବା ବେପାରୀ ଠାରୁ କାଜୁ କିଣିଥିଲେ। ଚିକ୍କଣିଆ କାଜୁ ପ୍ୟାକେଟରେ ଥିଲା କେବଳ ୫୦ ଗ୍ରାମ କାଜୁ ସହିତ ନକୁଳ ଦାନା। ଚଢା ଦରରେ ବିକ୍ରୀ କରି ମାଲାମାଲ ହେଉଛନ୍ତି ଅସାଧୁ ବ୍ୟବସାୟୀ। ବୁଧବାର ମହାରାଷ୍ଟ୍ରର ପର୍ଯ୍ୟଟକମାନେ ଠକାମିର ଶୀକର ହୋଇଥିବା ଅଭିଯୋଗ କରିଛନ୍ତି। ଅସାଧୁ ବ୍ୟବସାୟୀମାନେ ସାଇକେଲ ଓ ବାଇକରେ ଆସି ପର୍ଯ୍ୟଟକଙ୍କ ବସ ଛାଡ଼ିବା ସମୟରେ ଏହାକୁ ବିକ୍ରି କରି ପଳାଉଛନ୍ତି। କୋଣାର୍କ ରିଙ୍ଗ ରୋଡ ନିକଟରେ ବୁଲା ବେପାରୀମାନେ ଲୋଭନୀୟ ଜରି ପ୍ୟାକେଟ ଭିତରେ ନକୁଳ ଦାନା, ପୋକରା କାଜୁ ରଖି କିଲୋ ପ୍ରତି ୬ଶହ ଟଙ୍କାରେ ବିକ୍ରି କରିଛନ୍ତି। ଗୋଟିଏ ବସରେ ମହାରାଷ୍ଟ୍ରରୁ ଆସିଥିବା ପ୍ରାୟ ୧୫ ଜଣ ପର୍ଯ୍ୟଟକ ବୁଧବାର ଏଭଳି ଠକାମିର ଶିକାର ହୋଇଛନ୍ତି। ଉପରକୁ ଚକଚକ ଦେଖାଯାଉଥିବା ଲୋଭନୀୟ ପ୍ୟାକେଟ ଖୋଲିବାରୁ ଭିତରେ ପୋକରା କାଜୁ ଓ ନକୁଳ ଦାନା ରହିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସାମ୍ବାଦିକଙ୍କ ସହଯୋଗରେ ୧୧୨କୁ କଲ୍ କରିଥିଲେ ମଧ୍ୟ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପାରି ନଥିଲା। ତେଣୁ ବିଳମ୍ବ କାରଣରୁ ସେମାନେ ପଳାଇଥିଲେ। ଏବଂ ଅତ୍ୟନ୍ତ ନିନ୍ଦା କରିବା ସହ ସ୍ଥାନୀୟ ପୋଲିସ୍, ପ୍ରଶାସନ ଓ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଖାଦ୍ୟ ନିରୀକ୍ଷକ ଓ ପୁଲିସ ପକ୍ଷରୁ ନାମକୁ ମାତ୍ର ବର୍ଷକରେ ଥରେ ଦୁଇଥର ଯାଞ୍ଚ କରାଯାଉଛି। ହେଲେ ପ୍ରକୃତ ଦଲାଲମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଗତ ୨୦୨୫ ଜାନୁୟାରୀ ୨୭ରେ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତ୍ୟୁଷ ରଂଜନ ତାରେଣିଆଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ଆସିଥିବା ମୋବାଇଲ ଲାବୋରେଟୋରୀ ଟେଷ୍ଟିଂ ଭ୍ୟାନ ସହ ୪ଜଣିଆ ଟିମ କୋଣାର୍କ ଟୁରିଷ୍ଟ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ପୋକରା ଓ ନିମ୍ନମାନର କାଜୁ ବିକ୍ରି କରି ପର୍ଯ୍ୟଟକଙ୍କୁ ଲୁଟ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଦୋକାନ ଉପରେ ଚଢାଉ କରିଥିଲେ। କାଜୁ ଦୋକାନ ଗୁଡିକରୁ କାଜୁ ଓ ରାମଦାନା ସଂଗ୍ରହ କରି ଭୁବନେଶ୍ୱର ସ୍ଥିତ ମାନ ପରୀକ୍ଷା କେନ୍ଦ୍ରକୁ ପଠାଇଥିଲେ। ବାସ ସେତିକିରେ ଚଢ଼ାଉ ଶେଷ। ପରେ ଅବସ୍ଥା ଯାହାକୁ ତାହା। ଏହି ଚଢାଉ ଲୋକ ଦେଖାଣିଆ ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରୀପାଠୀଙ୍କ ସହ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ନିନ୍ଦା ପ୍ରକାଶ କରିଛନ୍ତି। ଇତ୍ୟାବସରରେ ପୋଲିସ୍ ତିନି ଆସାମୀଙ୍କୁ ଫିଲ୍ମ ଷ୍ଟାଇଲ୍‌ରେ ଗୋଡ଼େଇ ଗୋଡ଼େଇ ଧରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ କାଜୁ ପ୍ୟାକେଟ୍ ଜବତ କରାଯାଇଛି।

## ପୋସ୍ତକ ନାଁରେ ଘାସ ଦାନା ବିକ୍ରି

ବୁଧବାର ସକାଳେ ମହାରାଷ୍ଟ୍ରରୁ ଆସିଥିବା ପର୍ଯ୍ୟଟକଙ୍କୁ କାଜୁ କହି ପ୍ୟାକେଟରେ ନକୁଳ ଦାନା ବିକ୍ରି ଅଭିଯୋଗ ହୋଇଥିଲା। ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥି ସହିତ ପର୍ଯ୍ୟଟକମାନେ ୧୧୨କୁ କଲ୍ କରି ଅଭିଯୋଗ କରିଥିଲେ। ଏନେଇ କୋଣାର୍କ ପୋଲିସ ପେଟ୍ରୋଲିଙ୍ଗ ସମୟରେ ଖବର ପାଇଲେ କି ଜନୈକ ବ୍ୟକ୍ତି ଯାହାଙ୍କ ନାମ ରମେଶ କାଣ୍ଡି, ଗ୍ରା:- ଡାଳିମ୍ବଗୋରଡ଼ି, କୋଣାର୍କକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପୋସ୍ତକ କହି କିଛି ଘାସ ଦାନା ବିକ୍ରି କରି ପୋସ୍ତକର ଦାମ ନେଇ ପର୍ଯ୍ୟଟକଙ୍କୁ ଠକୁଥିଲେ। ସେତେବେଳେ କୋଣାର୍କ ପୋଲିସ ପହଂଚି ତାକୁ ଉକ୍ତ ସାମଗ୍ରୀ ସହିତ ଧରିଥିଲେ। ସେ ଏହାକୁ ବିନା କାଗଜ ପତ୍ର ଅଥବା ଲାଇସେନ୍ସରେ ବିକ୍ରି କରି ପର୍ଯ୍ୟଟକଙ୍କୁ ଠକୁଥିବା କାରଣରୁ ତାଙ୍କ ବିରୁଦ୍ଧରେ କୋଣାର୍କ ଥାନା କେସ ନମ୍ବର ୨୪/୨୬ ଏକ ମାମଲା ରୁଜୁ କରାଯାଇ ବୁଧବାର ସଂଧ୍ୟାରେ ଅଟକ ରଖି ପଚରାଉଚରା ଜାରି ରହିଥିଲା। ଗୁରୁବାର ଉକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିଥିଲା କୋଣାର୍କ ପୋଲିସ୍। ହେଲେ କୋଣାର୍କରେ ଅସାଧୁ ବ୍ୟବସାୟୀମାନେ ନିମ୍ନ ମାନର କାଜୁ ବେପାର ଜାରି ରଖିଥିବା ବେଳେ ପୋଲିସ୍ ପ୍ରଶାସନ, ଏନଏସି ପ୍ରଶାସନ, ଜିଲ୍ଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଓ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ମାନେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଦେଖିବାକୁ ମିଳିଛି। ଯାହା ଫଳରେ କୋଣାର୍କ ସାରା ରାଜ୍ୟ ଓ ଦେଶରେ ନିନ୍ଦିତ ହେଉଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକୃତ ଦୋଷୀକୁ ଧରି ପାରୁନି ପୋଲିସ୍ ଯାହା ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହଳ ହଳ ହୋମଗାର୍ଡ ଟୁରିଷ୍ଟ ବସ ନିକଟରେ ହାତ ଗୁଞ୍ଜା ପାଇଁ ପଇଁତରା ମାରୁଥିବା ବେଳେ ଅସାଧୁ ବ୍ୟବସାୟୀମାନେ ନିମ୍ନ ମାନର କାଜୁ ଓ ପୋସ୍ତକ ଧରି ବୁଲି ଖୁଲମଖୁଲା ବିକୁଛନ୍ତି।

# ପ୍ରହସନ ପାଲଟିଛି ସଡ଼କ ସୁରକ୍ଷା

## କେବଳ ଚାଲାଣ କଟା ଓ ହେଲମେଟ୍ ଯାଞ୍ଚ ସହ ଫ୍ଲେକ୍ସରେ ସୀମିତ ଅଭିଯାନ

**ଅସ୍ତରଙ୍ଗ (ଭିଓଭି) :** ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଜାନୁୟାରୀ ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ସମୟ ଭିତରେ ରାସ୍ତା ଦୁର୍ଘଟଣାର କାରଣ, ଏହାର ନୀରାକରଣ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗ ଉପରେ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ଉଭୟ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନି। ହେଲମେଟ୍ ଯାଞ୍ଚ, ଚାଲାଣ କଟାରେ ଏହି ମାସ ସୀମିତ ଥିବା ବିଭିନ୍ନ ମହଲରୁ ଅଭିଯୋଗ ଆସିଛି। ଅନ୍ୟ ଥାନା ଅଂଚଳରେ ଲୋକଙ୍କ ସଂଖ୍ୟା ପୂର୍ବାପେକ୍ଷା ବଢୁଛି। ସେହି ତୁଳନାରେ ଗାଡି, ମଟର ସଂଖ୍ୟା ମଧ୍ୟ ବୃଦ୍ଧି ହେଉଛି। ମାତ୍ର ଏହି ଗାଡି, ମୋଟର ବେପରୁଆ ଚଳାଚଳ କୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ମୁତାବକ ଭିତ୍ତିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉନି। ଫଳରେ ସଡ଼କ ଦୁର୍ଘଟଣା ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ନିତିଦିନିଆ ଦେହ ସୁହା ଦୁର୍ଘଟଣା ପାଲଟିଛି। ନୂଆଗଡ ମୁଖ୍ୟ ରାସ୍ତା ସମେତ ଅସ୍ତରଙ୍ଗରୁ ଜାହାନିଆ ପ୍ରତିଦିନ କେହି ନା କେହି ସଡ଼କ ଦୁର୍ଘଟଣା ଶିକାର ହେଉଛନ୍ତି।

ଦୁର୍ଘଟଣା ପଛରେ ଅନେକ କାରଣ ରହିଥିବା ବେଳେ ସେଥି ମଧ୍ୟରୁ ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଇବା ମଧ ଦୁର୍ଘଟଣାର ଆଉ ଏକ କାରଣ ଭାବେ ଉଭା ହୋଇଛି। କାରଣ ଅସ୍ତରଙ୍ଗ ମୁଖ୍ୟ ବଜାରରେ ତ୍ରିକୋଣୀୟ ମଦ ଦୋକାନ ଶହ ଗ୍ରାମାଞ୍ଚଳରେ ଚୋରା ମଦ ପର୍ଯ୍ୟାପ୍ତ ପରିମାଣରେ ମିଳିବା ଏହି ଅଘଟଣ ପଛର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି। ଏହି କାରଣ ପାଇଁ ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ଅନେକେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିବା ନଜିର ରହିଛି। ଏ ନେଇ ଚଳିତ ଜାନୁୟାରୀ ମାସରେ ସେମିତି ସଚେତନତା କରାଯାଇନି। ରାସ୍ତାରେ ବେପରୁଆ ଗାଡି ଚାଳକଙ୍କୁ ଯାଞ୍ଚ କରିବା ପାଇଁ ପାଟ୍ରୋଲିଂ ଭ୍ୟାନ୍ ରହିଛି କିନ୍ତୁ ଆଖି ଦୃଶିଆ ଯାଞ୍ଚ କରୁନାହାନ୍ତି ଅସ୍ତରଙ୍ଗ ପୋଲିସ କି ଜନ ସାଧାରଣଙ୍କୁ ସଚେତନ କରୁନାହାନ୍ତି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ରାସ୍ତା ପାଖରେ ଗାଡି କିମ୍ବା ବାଇକ୍ ରଖିଲେ ତୁରନ୍ତ ଇ -ଚାଲାଣ କଟାଯାଉଛି। ଏହା ଶହ ପୋଲିସ ତରଫରୁ ସଚେତନତା ଅପେକ୍ଷା ଅଦିନିଆ ହେଲମେଟ ଯାଞ୍ଚ କରି ଚାଲାଣ କଟାଯାଉଛି। ଏଥିପାଇଁ କାଳେ ଉପରୁ ବିଭିନ୍ନ ଥାନାକୁ ଟାର୍ଗେଟ ଆସୁଥିବା ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି। ପରିସ୍ଥିତି ଏମିତି ହୋଇଛି ଇ -ଚାଲାଣକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ପୂର୍ବରୁ ସଡ଼କ ସୁରକ୍ଷା ସପ୍ତାହ ହେଉ କି ଜାତୀୟ ସଡ଼କ ସୁରକ୍ଷା ମାସ ହେଉ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଥିଲା। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଉଥିଲା। ଦୁର୍ଘଟଣା ହ୍ରାସ ପାଇଁ ଅସ୍ତରଙ୍ଗ ପୋଲିସ ତରଫରୁ ପୂର୍ବରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଥିଲା, କିନ୍ତୁ ବର୍ତମାନ ଥିବା ଥାନାଅଧିକାରୀଙ୍କ ଆଖି ଦୃଶିଆ ସଚେତନତା ଦେଖାଯାଉନି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲ ଛାତ୍ର, ଛାତ୍ରୀଙ୍କୁ ଟ୍ରାଫିକ ନିୟମ ଉପରେ ପ୍ରଶିକ୍ଷଣ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେମାନେ ନିଜେ ଘରକୁ ଘର ଲୋକଙ୍କୁ ସଚେତନ କରାଇବେ। ଏହା ଦ୍ୱାରା ଆଗାମୀ ଦିନରେ ସଡ଼କ ଦୁର୍ଘଟଣା ହ୍ରାସ ପାଇବା ନେଇ ଆଶା କରାଯାଉଥିଲା। ମାତ୍ର ଏହି ଯୋଜନା ଏବେ ଲୋକଙ୍କ ମନରୁ ହଜିବାକୁ ବସିଛି। ଆଗାମୀ ଦିନରେ ସଚେତନତା ଉପରେ ଉଭୟ ପୁଲିସ ପ୍ରଶାସନ, ପରିବହନ ବିଭାଗ ପକ୍ଷରୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୬୩୭୧୪୧୭୩୬୧
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# ଦେବେନ୍ଦ୍ର ନାରାୟଣ ଦାଶଙ୍କୁ ରାଜ୍ୟ ସରକାର ପୋଲିସ ପଦକ ଓ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କଲେ





**ଭୁବନେଶ୍ୱର (ଭିଓଭି) :** ୭୭ତମ ଗଣତନ୍ତ୍ର ଦିବସରେ ପଲ୍ଲୀରୁ ଦିଲ୍ଲୀ ସବୁଠି ଫର ଫର ହୋଇ ଉଡିଛି ଜାତୀୟ ପତାକା ତ୍ରିରଙ୍ଗା । ବଖାଣିଛି ବୀରତ୍ୱ ଓ ସୋର୍ଯ୍ୟର ଗାଥା । ଭାସି ଆସିଛି ବନ୍ଦେ ମାତରମ୍ ଆଉ ଜୟ ହିନ୍ଦ୍‌ର ଧ୍ୱନି । ଏହି ଶୁଭବେଳା ଅର୍ଥାତ୍ ୭୭ତମ ସାଧାରଣତନ୍ତ୍ର ଦିବସରେ ରାଜ୍ୟ ସରକାର ଦେବେନ୍ଦ୍ର ନାରାୟଣ ଦାଶଙ୍କୁ ପୋଲିସ୍ ପଦକ ଓ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ସୂଚନାଯୋଗ୍ୟ, ଦେବେନ୍ଦ୍ର ନାରାୟଣ ଦାଶ ୧୯୯୫ ମସିହାରେ ଓଡ଼ିଶା ପୋଲିସ୍‌ରେ ଆରକ୍ଷୀ ଉପନିରୀକ୍ଷକ ଭାବରେ ଯୋଗ ଦେଇଥିଲେ । ସେ ୨୦୦୮ ମସିହାରେ ଆରକ୍ଷୀ ନିରୀକ୍ଷକ ପଦବୀକୁ ପଦୋନ୍ନତି ପାଇଥିଲେ । ସେ ୨୦୧୨ ମସିହାରେ ଇଓଡବ୍ଲ୍ୟୁରେ ଯୋଗ ଦେଇଥିଲେ ଏବଂ ୧୯.୨.୨୦୨୧ରେ ଆରକ୍ଷୀ ଉପଅଧିକ୍ଷକ ଏବଂ ୨୦.୧୧.୨୦୨୪ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବରେ ପଦୋନ୍ନି ପାଇଥିଲେ । ତାଙ୍କର ୩୦ ବର୍ଷର ଚାକିରି ଜୀବନ ମଧ୍ୟରେ ସେ ଜଣେ ବୁଦ୍ଧିମାନ ଏବଂ ଦକ୍ଷ ତଦନ୍ତକାରୀ ଅଧିକାରୀ ଭାବରେ ଉଚ୍ଚ ମାନର ଅନୁସନ୍ଧାନ ମାର୍ଗ ପ୍ରଦର୍ଶନ କରିଛନ୍ତି, ଯାହାଫଳରେ ଅନେକ ବଳାତ୍କାର ଏବଂ ହତ୍ୟା ମାମଲାର ଦୋଷୀମାନେ ସାବ୍ୟସ୍ତ ହୋଇଛନ୍ତି । ନକ୍ସଲ ପ୍ରଭାବିତ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା, ବାଲିମେଳା ଏବଂ ମାଥିଲି ।ନାର ଭାରପ୍ରାପ୍ତ ଅଧିକାରୀ ଭାବରେ, ସେ ନକ୍ସଲମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅସାଧାରଣ ସେବା କରିଥିଲେ । ନକ୍ସଲମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଚାରୋଟି ଭୂମିବୋମା ଚିହ୍ନଟ କରିବା ଫଳରେ ସୁରକ୍ଷା ବାହିନୀର ଜୀବନ ବଞ୍ଚି ପାରିଥିଲା ।

ଇଓଡବ୍ଲ୍ୟୁରେ ତାଙ୍କର ପୋଷ୍ଟିଂ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଚିଟ୍‌ଫଣ୍ଡ, ଜମି ଦୁର୍ନୀତି ଏବଂ ବ୍ୟାଙ୍କ ଠକେଇ ମାମଲାର ସଫଳତାର ସହି ତଦନ୍ତ କରିଥିଲେ, ଯାହାଫଳରେ କୋଟି କୋଟି ଟଙ୍କାର ସମ୍ପତ୍ତି ପୁନରୁଦ୍ଧାର ହୋଇଥିଲା । ତାଙ୍କ ଦ୍ୱାରା ତଦନ୍ତ କରାଯାଇଥିବା ବାଂଲାଦେଶୀ ପଳାତକ ମାମଲା ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲା । ସେ ସି-ସୋର ଗ୍ରୁପ୍‌ର ସିଏମ୍‌ଡି ପ୍ରଶାନ୍ ଦାସ (ମୁମ୍ବାଇରୁ), ଲେଫେୟାର ଗ୍ରୁପ୍‌ର ଏମ୍‌ଡି ବିଜୟ ପ୍ରସାଦ ମଲ୍ଲ (ବିଶାଖାପାଟଣାରୁ), ମାସ୍ ଇନ୍‌ଫ୍ରା ରିୟଲିଟି ଲିମିଟେଡ୍‌ର ଏମ୍‌ଡି ପ୍ରତାପ କୁମାର ବିଶ୍ୱାଳ (କୋଲକାତାରୁ), ଆନ୍ତଃ ରାଜ୍ୟ କ୍ଲୋନ୍ ଚେକ୍ ରାକେଟ୍‌ର ମାଷ୍ଟର ମାଇଣ୍ଡ ହର୍ଷ ସିଂହ (ରାଞ୍ଚି, ଝାଡ଼ଖଣ୍ଡରୁ) ଏବଂ ତାମିଲନାଡୁର ଏଏମ୍ ଶଙ୍କର (ଜୟପୁରରୁ) ଭଳି ଉଚ୍ଚ ପ୍ରୋଫାଇଲ୍ ଅର୍ଥନୈତିକ ଅପରାଧୀଙ୍କୁ ଗିରଫ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଶ୍ରୀ ଦାଶଙ୍କର ବୃତ୍ତିଗ ସଫଳତା ପାଇଁ ତାଙ୍କୁ ୨୦୦୭ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ଶ୍ରେଷ୍ଠ ଓ.ଆଇ.ସି, ୨୦୧୨ ବର୍ଷ ପାଇଁ କ୍ରାଇମ୍‌ବ୍ରାଞ୍ଚର ଶ୍ରେଷ୍ଠ ଇନ୍ସପେକ୍ଟର, ୨୦୨୦ ମସିହାରେ ରାଜ୍ୟସ୍ତରୀୟ ଅର୍ଥ ପରସ୍କାର, ଡିଜିପିଙ୍କ ଡିସ୍କ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସେବା ପଦକ ଆଦିରେ ସମ୍ମାନିତ ହୋଇଛନ୍ତି । ଅଧୁନା ସେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅର୍ଥନୈତିକ ଅପରାଧ ଶାଖା, ସିଆଇଡିସିବି, ଭୁବନେଶ୍ୱର ଠାରେ କୃତିତ୍ୱର ସହ କାର୍ଯ୍ୟରତ ।

ଶ୍ରୀ ଦାସଙ୍କର ଉଚ୍ଚକୋଟିର କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠାର ସ୍ୱୀକୃତି ସ୍ୱରୂପ ଭାରତର ମାନ୍ୟବର ରାଷ୍ଟ୍ରପତି ତାଙ୍କୁ ୨୦୨୫ ମସିହା ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ ସେବା ନିମନ୍ତେ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରିବା ସଂଗେ ସଂଗେ ରାଜ୍ୟ ସରକାର ମାନପତ୍ର ଏବଂ ସାତହଜାର ପାଞ୍ଚଶହ ଟଙ୍କାର ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରିଛନ୍ତି ।

ଭୟଙ୍କର ଦୁର୍ଘଟଣା

# ନିମିଷକେ ଚାଲିଗଲା ପାଞ୍ଚ ଜୀବନ

## ରାସ୍ତାରେ ପଡ଼ିଛି ଭାତ-ଡାଲି ଆଉ ପାଣିବୋତଲ : ଟ୍ରକ୍ ଉଜାଡ଼ିଦେଲା ସଂସାର

ବ୍ରହ୍ମପୁର (ଭିଓଭି) : ବ୍ୟାଗ ଭିତରେ ଭାତ ଆଉ ଡାଲି । ରାସ୍ତା କଡ଼ରେ ଚେପା ହୋଇ ପଡ଼ିଛି ପାଣି ବୋତଲ । ବୋଧହୁଏ ବାଇକ ଆରୋହୀ ଜଣକ କାମକୁ ଯାଉଥିଲେ ଏବଂ ମଧ୍ୟାହ୍ନ ଭୋଜନରେ ଏହି ଖାଦ୍ୟ ଖାଇଥାନ୍ତେ । କିନ୍ତୁ ସବୁକିଛି ଶେଷ ହୋଇଯାଇଛି । ଠାଏ ଠାଏ ଜାଗାରେ ଚପଲ ଏବଂ ଭଙ୍ଗା ବାଇକର ପାର୍ଟସ୍ କହୁଛି ଦୁର୍ଘଟଣା କେତେ ଭୟାବହ ହୋଇଛି । ରେଶମ ସହରର ଜନଗହଳିପୂର୍ଣ୍ଣ ରାସ୍ତା ଭିତରେ ଘଟିଯାଇଛି ଏଭଳି ଏକ ଭୟଙ୍କର ଦୁର୍ଘଟଣା । ହଳଦିଆପଦର ଓଭର୍ ବ୍ରିଜରେ ମାଳ ମାଳ ଗାଡ଼ି ଯା'ଆସ କରିବା ଭିତରେ ହଠାତ ଏକ ଦ୍ରୁତଗାମି ଟ୍ରକ ରଙ୍ଗ୍ ରୁଟରେ ଆସି ୩ ଟି ବାଇକକୁ ପଛରୁ ପିଟିଦେଲା । ଚାହୁଁ ଚାହୁଁ ଗାର୍ଡ ୱାଲକୁ ଘୋଷାଡ଼ି ହୋଇ ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍ । ଛଟପଟ ହୋଇ ଚାଲିଗଲା ୫ ଜୀବନ । ରାସ୍ତାରେ ଛିଟକି ହୋଇ ଏଣେତେଣେ ପଡ଼ିଲା ବାଇକର ପାର୍ଟସ୍ ଆଉ ବାଇକ ଆରୋହୀ ଧରିଥିବା ଜିନିଷପତ୍ର । ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ତତ୍‌କ୍ଷଣାତ ଚମ୍ପଟ ମାରିଲା ଟ୍ରକ୍ ଡ୍ରାଇଭର । ଏଭଳି ଭୟଙ୍କର ଦୁର୍ଘଟଣାକୁ ନେଇ ଦକ୍ଷିଣାଞ୍ଚଳ ଆଇଜି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଦୁର୍ଘଟଣା ଘଟିବା ପରେ ଓଡ଼ିଶା ଅଗ୍ନିସେବା ଟିମ୍ ଆସି ଭଙ୍ଗା ବାଇକକୁ ରାସ୍ତାରୁ ହଟାଇବା ସହ ଲୋକଙ୍କ ଯିବା ଆସିବା ବାଟକୁ ଖୋଲିଲେ । ତେବେ ଏହି ବେପରୁଆ ଗାଡ଼ି ଚାଳନା ଖାଲି ୫ ଜଣଙ୍କ ଜୀବନ ନେଇନି ବରଂ ଆଉ ୨ ଜଣଙ୍କ ଅବସ୍ଥା ବର୍ତ୍ତମାନ ସଙ୍କଟାପନ୍ନ ରହିଛି । ମୃତକଙ୍କ ମଧ୍ୟରେ ଜଣେ ଅଯୋଧ୍ୟା ନଗରର ସୂର୍ଯ୍ୟ ପଣ୍ଡା ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ସମସ୍ତ ମୃତାହତ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଅଛନ୍ତି । ଖବର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ସମସ୍ତ ଆହତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।





# Environmental Etiquette : The Culture of Respecting Nature



Nihar Ranjan Acharya

Environmental protection is often discussed in terms of policies, technologies, and global agreements. Yet, one of the most powerful tools for protecting the planet lies much closer to us — in our **daily behavior.** Just as social etiquette governs how we behave respectfully with other people, **environmental etiquette** defines how we behave responsibly toward nature.

Environmental etiquette is not a slogan. It is a culture. It is the habit of living in a way that shows respect for air, water, soil, trees, animals, and shared public spaces.

**What is Environmental Etiquette?**

Environmental etiquette means **conscious, responsible, and respectful behavior toward the environment in everyday life.** It includes small but meaningful actions — how we dispose of waste, use water, consume energy, travel, celebrate festivals, and treat public spaces.""It is the understanding that:

Nature is not a dumping ground — it is our life-support system.

Environmental etiquette turns environmentalism from a campaign into a character trait.

Why Environmental Etiquette Matters

Laws can regulate industries. Policies can guide governments."But only etiquette can guide individual behavior.

Most environmental damage in cities and villages today comes not only from large sources but also from millions of small careless acts:

- Throwing plastic on roads
- Wasting water
- Burning waste openly
- Excessive honking and noise




- Food wastage
- Overuse of disposable items

Environmental etiquette converts awareness into **daily discipline.**

**Core Principles of Environmental Etiquette**

**Respect Shared Resources**

Air, rivers, forests, and biodiversity are shared assets. Using more than needed is not smartness — it is unfairness to others and to future generations.

**Use — Don't Abuse**

Use water, electricity, paper, and fuel with restraint. Closing a tap properly and switching off unused lights are acts of environmental character.

**Dispose Responsibly**

Segregate waste. Avoid littering. Reduce plastic use. What leaves your hand does not leave the planet.

**Protect Living Systems**

Trees, birds, insects, and soil organisms are not obstacles to development — they are partners of survival.

**Practice Noise Etiquette**

Sound pollution is also pollution. Silence is also a form of environmental respect.

**Environmental Etiquette at Home**

- Avoid single-use plastics
- Segregate dry and wet waste
- Compost kitchen waste where possible
- Save electricity and water
- Prefer durable over disposable products
- Avoid food waste

Children learn environmental values first at home — not from textbooks, but from observation.

**Environmental Etiquette in Public Places**

- Never litter roads, parks, riversides
- Do not spit or dump waste in drains
- Respect green zones and water bodies
- Follow cleanliness rules during travel
- Avoid damaging plants and public property
- Carry your waste back if bins are unavailable

A clean public space is a sign of **civilized citizenship.**

**Environmental Etiquette at Workplace & Institutions**

- Minimize paper use
- Encourage digital documentation
- Practice energy-saving habits
- Promote green meetings and events
- Avoid wasteful decorations and materials
- Support eco-friendly procurement

Institutions that practice environmental **etiquette build ethical credibility.**

**Festivals and Environmental Etiquette**

Celebrations should spread joy — not pollution.

- Use eco-friendly decorations
- Avoid chemical colors and toxic materials
- Limit noise and firecrackers
- Prefer natural idols and materials
- Clean the area after events

Culture and ecology must walk together.

**The Scientific Basis**

Environmental etiquette is not emotional romanticism — it is scientifically sound behavior. Every resource saved reduces:

- Carbon emissions
- Pollution load
- Waste burden
- Ecological stress

Small behavioral corrections multiplied across millions of people produce **large measurable environmental impact.**

**From Awareness to Habit**

Environmental etiquette begins with awareness, grows with practice, and becomes powerful when it becomes ***habit*.** When responsible behavior becomes automatic, sustainability becomes natural.

We should not protect the environment only when watched or regulated. "We should protect it because it is **right.**

**Conclusion**

Environmental etiquette is the missing bridge between environmental knowledge and environmental action. It is the refinement of behavior that turns a user of resources into a custodian of nature.

The future will not be saved by technology alone — "it will be saved by cultured conduct toward the environment.

Good manners toward Nature are the highest form of civilization.

Ph. 8249775817
E-Mail: nihar.acharya1973@gmail.com

## ଇତିହାସ ରଚିଲେ ନିର୍ମଳା ସୀତାରମଣ

# ଲଗାତାର ୯ଥର ଉପସ୍ଥାପନ କଲେ ବଜେଟ୍




**ନୂଆଦିଲ୍ଲୀ :** ଭାରତରେ ପ୍ରଥମଥର ଲାଗି ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରଚିଛନ୍ତି ଇତିହାସ । କାରଣ ଥରେ କି ଦୁଇ ଥର ନୁହେଁ, ସେ ଲଗାତାର ୯ଥର ଅର୍ଥମନ୍ତ୍ରୀ ଭାବେ ସଂସଦରେ ଉପସ୍ଥାପନ କରିଛନ୍ତି ବଜେଟ୍ । ଆଙ୍କିଛନ୍ତି ସାରା ଦେଶର ବିକାଶର ଗ୍ରାଫ୍ । ଦେଶକୁ ଦେଇଛନ୍ତି ପ୍ରଗତିର ଗତି, ଜନତାଙ୍କ ପାଇଁ ଖୋଲିଛନ୍ତି ଉନ୍ନତିର ପଥ ।

ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬- ୨୭ ବର୍ଷ ପାଇଁ ଉପସ୍ଥାପନ କରିଛନ୍ତି ସାଧାରଣ ବଜେଟ୍ । ୯ମ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଜଣେ ମହିଳା ଅର୍ଥମନ୍ତ୍ରୀ ଭାବେ ଏହା ତାଙ୍କର ରେକର୍ଡ । ସୀତାରମଣ ଭାରତର ପ୍ରଥମ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ । ତାଙ୍କ ପୂର୍ବରୁ ଇନ୍ଦିରା ଗାନ୍ଧୀ ୧୯୭୦ରେ ବଜେଟ୍ ଉପସ୍ଥାପନ କରିଥିଲେ। ସେ ସମୟରେ ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇ ଇସ୍ତଫା ଦେଇଥିବା କାରଣରୁ ତାଙ୍କୁ ବଜେଟ୍ ଉପସ୍ଥାପନ କରିବାକୁ ପଡ଼ିଥିଲା। ୨୦୧୯ରେ ନିର୍ମଳା ସୀତାରମଣ ଅର୍ଥମନ୍ତ୍ରୀ ଭାବେ ପଦ ସମ୍ଭାଳିଲେ । କିନ୍ତୁ ମୋଦୀ ସରକାରଙ୍କ ୧୫ ତମ ବଜେଟ୍ ଭିତରୁ ଲଗାତାର ୯ଟି ବଜେଟ୍ ନିର୍ମଳା ଉପସ୍ଥାପନ କରି ରେକର୍ଡ କରିଛନ୍ତି ।

ତେବେ ନିର୍ମଳା ଯେ ସବୁଠାରୁ ଅଧିକ ଥର ବଜେଟ୍ ଉପସ୍ଥାପନ କରିଛନ୍ତି ତା' ନୁହେଁ ତାଙ୍କ ପୂର୍ବରୁ ମଧ୍ୟ ଅନ୍ୟ ଅର୍ଥମନ୍ତ୍ରୀ ଏକାଧିକ ଥର ବଜେଟ୍ ଉପସ୍ଥାପନ କରିବାର ରେକର୍ଡ କରିଛନ୍ତି । ସେମାନଙ୍କ ମଧ୍ୟରୁ ମୋରାରଜୀ ଦେସାଇ : ୧୦ ଥର, ପି ଚିଦାମ୍ବରମ୍ : ୯ଥର ଆଉ ଏବେ ନିର୍ମଳା ସୀତାରମଣ : ଲଗାତାର ୯ଥର ବଜେଟ୍ ଉପସ୍ଥାପନା କରିଛନ୍ତି । କିନ୍ତୁ ଏମାନଙ୍କ ମଧ୍ୟରୁ କେହି ନିର୍ମଳାଙ୍କ ଭଳି ଲଗାତାର ବଜେଟ୍ ଉପସ୍ଥାପନ କରିନଥିଲେ । ଏହାସହ ଦେଶର ସବୁଠାରୁ ଦୀର୍ଘ ବଜେଟ୍ ଭାଷଣ ଦେବାରେ ବି ନିର୍ମଳାଙ୍କର ରେକର୍ଡ ରହିଛି। ୨୦୨୦ରେ ସେ ଲଗାତାର ୨ ଘଣ୍ଟା ବଜେଟ୍ ଉପରେ ଭାଷଣ ଦେଇଥିଲେ। ୨୦୧୪ରୁ ୨୦୨୫ ଥିଲା ଭାରତ ବର୍ଷ ପାଇଁ ଅମୃତକାଳ । କାରଣ ଏହି ଅବଧି ଭିତରେ ଉପସ୍ଥାପିତ ହୋଇଥିବା ବଜେଟରେ ବିକାଶ, କଲ୍ୟାଣ, ଓ ସୁଧାର ଏହି ୩ଟି ଦିଗରେ ସନ୍ତୁଳନ ରକ୍ଷା କରି ବଜେଟ୍ ପ୍ରସ୍ତୁତ ହୋଇଥିଲା। ମୋଦୀ ସରକାରଙ୍କ ପ୍ରଥମ ବଜେଟ୍ ଯାହା ୨୦୧୪ରେ ହୋଇଥିଲା ସାଧାରଣ ଜନତାଙ୍କୁ ଟ୍ୟାକ୍ସ ଆଶ୍ୱସ୍ତି ଦେବା ସହ ବୁନିଆଦି ଢାଞ୍ଚା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପୂର୍ବ ବଜେଟରେ ଆୟକର ଛାଡ଼ ସୀମାକୁ ବଢ଼ାଇ ୨.୫ ଲକ୍ଷ କରାଯାଇଥିଲା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ୩ ଲକ୍ଷ ଯାଏଁ ଛାଡ଼ କରାଯାଇଥିଲା । ନିବେଶ ସୀମାକୁ ୧.୫ ଲକ୍ଷ ଯାଏଁ ବଢ଼ାଯାଇଥିଲା। ଏଥିରେ ଡିଜିଟାଲ ଇଣ୍ଡିଆ ଏବଂ ସ୍ୱଚ୍ଛ ଭାରତ ଅଭିଯାନର ବି ମୂଳଦୁଆ ପଡ଼ିଥିଲା। ୨୦୧୬ରୁ ୨୦୧୯ ଯାଏଁ ବଜେଟରେ କୃଷି ଓ ଗ୍ରାମୀଣ ବିକାଶକୁ ଗୁରୁତ୍ୱ ଦେଇଥିଲେ ସରକାର । ଚାଷୀଙ୍କ ଆୟକୁ ଦିଗୁଣା ବଢାଇବାକୁ ଫୋକସ୍ ଦେଇଥିଲେ ମୋଦୀ ସରକାର । ୨୦୨୨-୨୩ରେ ପିଏମ୍ ଗତି ଶକ୍ତି ଯୋଜନା ହୋଇଥିଲା । ତେବେ ଏହା ପ୍ରଥମ ଥର ପାଇଁ ହେଉଛି ଯେବେ ରବିବାର ଛୁଟି ଥାଇ ବି ବଜେଟ୍ ଉପସ୍ଥାପନ ହୋଇଛି ।

## ଷ୍ଟକ୍ ବଜାରରେ ହାହାକାର

**ନୂଆଦିଲ୍ଲୀ :** କେନ୍ଦ୍ର ବଜେଟ୍ ୨୦୨୬ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫ୍ୟୁଚର୍ସ ଓ ବିକଳ୍ପ (ଏଫ ଆଣ୍ଡ ଓ) ବାଣିଜ୍ୟ ଉପରେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସ (ଏସ୍‌ଟିଟି) ବୃଦ୍ଧି ଘୋଷଣା କରିବା ପରେ ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ଓ ନିଫ୍ଟି ଦିନର ସର୍ବନିମ୍ନ ସ୍ତରରେ ପହଞ୍ଚିଛି ।

ବିଏସ୍‌ଇ ସେନସେକ୍ସ ଦିନର ସର୍ବନିମ୍ନ ସ୍ତରରେ ୮୧,୧୨୯ ପଏଣ୍ଟ ଛୁଇଁଛି । ଏହା ୧,୧୪୦ ପଏଣ୍ଟ ଅର୍ଥାତ୍ ୧.୩୯% ହ୍ରାସ ପାଇଛି । ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୫୦୩୫୬ ପଏଣ୍ଟ ଅର୍ଥାତ୍ ୧.୪୧% ହ୍ରାସ ପାଇ



୨୪,୯୬୫ରେ କାରବାର କରିଛି । ବଜେଟ୍ ଭାଷଣରେ,ସୀତାରମଣ ଘୋଷଣା କରିଥିଲେ ଯେ ଫ୍ୟୁଚର୍ସ ଟ୍ରେଡ ଉପରେ ସ୍ୱତନ୍ତ୍ର ଟିକସ ୦.୦୨% ରୁ ୦.୦୫% କୁ ବୃଦ୍ଧି କରାଯିବ । ଏହା ବ୍ୟତୀତ ବିକଳ୍ପ ପ୍ରିମିୟମ ଉପରେ ସ୍ୱତନ୍ତ୍ର ଟିକସ ୦.୧% ରୁ ୦.୧୫% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ଷ୍ଟକ୍ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା । ବିସ୍ତୃତ ବଜାରରେ ମଧ୍ୟ ହ୍ରାସ ଘଟିଥିଲା । ନିଫ୍ଟି ମିଡକ୍ୟାପ୍ ୧୦୦ରେ ୨.୭୭% ଓ ନିଫ୍ଟି ସ୍ମଲକ୍ୟାପ୍ ୧୦୦ରେ ୩.୪% ହ୍ରାସ ଘଟିଥିଲା ।




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର